ବର୍ଷ-୨୪, ସଂଖ୍ୟା-୨୪୧
ଭୁବନେଶ୍ୱର
୦୧ ଅକ୍ଟୋବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 241
Bhubaneswar
01 October, 2024, Tuesday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


୨୭ ହଜାର ରନ୍ କ୍ଲବରେ କୋହଲି



## ରାଜନୀତିଠୁ ଭଗବାନଙ୍କୁ ଦୂରେଇ ରଖ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୦।୯ : ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁପତି ମନ୍ଦିର ଲଡ୍ଡୁ ବିବାଦକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ଆଜି ସୁପ୍ରିମକୋର୍ଟରେ ଏ ଉପରେ ଶୁଣାଣି ହୋଇଛି। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ

**ତିରୁପତି ମନ୍ଦିର ଲଡ୍ଡୁ ବିବାଦ**



ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

ତଦନ୍ତ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ କାହିଁକି ପ୍ରେସମିଟ୍ କରି ତିରୁପତି ମନ୍ଦିର ଲଡ୍ଡୁ ସମ୍ପର୍କରେ ଏପରି ବିବୃତ୍ତି ରଖିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେଭି ବିଶ୍ୱନାଥନ।

ଶୁଣାଣି ସମୟରେ ଅଦାଲତ କହିଛନ୍ତି, ଯଦି ଆପଣ (ମୁଖ୍ୟମନ୍ତ୍ରୀ) ଏଥିପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ, ତେବେ ସାମ୍ବାଦିକ ସମ୍ମିଳନୀ କରିବାର କି ଆବଶ୍ୟକ ଥିଲା ? ଧାର୍ମିକ ଭାବାବେଗକୁ ସମ୍ମାନ ଜଣାଇବାର ଆବଶ୍ୟକ ଥିଲା। ଲ୍ୟାବ ରିପୋର୍ଟ ଜୁଲାଇରେ ଆସିଥିଲା... ଆପଣ ସେପ୍ଟେମ୍ବରରେ ବିବୃତ୍ତି ରଖିଲେ। କିନ୍ତୁ ରିପୋର୍ଟରେ କୌଣସି ସ୍ପଷ୍ଟତା ନାହିଁ।

ମୁଖ୍ୟମନ୍ତ୍ରୀ ଏକ ସାମ୍ବିଧାନିକ ପଦବୀରେ ଥିବାବେଳେ ଆମେ ଆଶା କରିବୁ ଯେ, ଭଗବାନଙ୍କୁ ରାଜନୀତିଠୁ ଦୂରରେ ରଖାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଅଦାଲତ ଆହୁରି କହିଛନ୍ତି ଯେ, ଅପମିଶ୍ରଣ ହୋଇଥିବା ଘିଅ ଲଡ୍ଡୁ ପ୍ରସ୍ତୁତରେ ବ୍ୟବହାର ହେବାର କିଛି ପ୍ରମାଣ ଅଛି କି ?, ଯଦି ପ୍ରମାଣ ନାହିଁ, ତେବେ ତରବରିଆ ଭାବେ ସାମ୍ବାଦିକ ସମ୍ମିଳନୀ କରିବାର ଆବଶ୍ୟକତା କଣ ଥିଲା ? ପ୍ରକାଶ ଥାଉକି, ସେପ୍ଟେମ୍ବରରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତିରୁପତି ବାଲାଜୀ ମନ୍ଦିର ଲଡ୍ଡୁ ପଶୁ ଚର୍ବିରେ ପ୍ରସ୍ତୁତ ହେଉଥିବା ଅଭିଯୋଗ ଆଣିଥିଲେ। ପୂର୍ବର ୱାଇଏସଆରର ଜଗନ ମୋହନ ରେଡ୍ଡୀଙ୍କ ସରକାର ସମୟରୁ ଏପରି ହୋଇ ଆସୁଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ ପରେ ନାନା ବିବାଦ ସୃଷ୍ଟି ହୋଇଥିଲା।

ଗୁଜରାଟର ଏକ ଲ୍ୟାବରେ ଘିଅର ମାନ ପରୀକ୍ଷଣ ହେବା ପରେ ଏଥିରେ ମାଛ ତେଲ, ଘୁଷୁରି ଓ ଗୋ-ଚର୍ବିରେ ଅପମିଶ୍ରିତ ହୋଇଥିବା ନେଇ ପ୍ରାଥମିକ ତଦନ୍ତ ରିପୋର୍ଟରେ ପ୍ରକାଶ ପାଇଥିଲା। କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଏସବୁ ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଥିଲେ। ଚନ୍ଦ୍ରବାବୁ ନାଇଡୁ ଜଣେ ଅଭ୍ୟାସଗତ ମିଛୁଆ, ତାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ରୂପେ ମିଛ, ଏହାର ତଦନ୍ତ କରାଯାଉ ବୋଲି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି କହିଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ଆବେଦନ ହୋଇଥିଲା। ଆଜି ସର୍ବୋଚ୍ଚ ଅଦାଲତର ଦୁଇ ଜଣିଆ ଖଣ୍ଡପୀଠ ଶୁଣାଣି କରି ଉପୋରସ୍ତ ଟିପ୍ପଣୀ ଦେଇଛନ୍ତି।

## ଅଲଗା ହୋଇ ରହୁଥିବା ପୁଅଙ୍କୁ ମିଳିବ ଆବାସ ଗୃହ

**ଭୁବନେଶ୍ୱର,୩୦।୯(ମହାଭାରତ) :** ବାପାଙ୍କଠାରୁ ଭିନେ ହୋଇ ଅଲଗା ପରିବାର କରିଥିବା ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପୂର୍ବ ସରକାରରେ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ୬ ମାସ ଭିତରେ କାର୍ଯ୍ୟାଦେଶ ଦିଆଯିବ। ପୂର୍ବ ବିଜେଡ଼ି ସରକାରକୁ ଟାର୍ଗେଟ କଲେ ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକ୍ରିୟାରେ ୨୦ ରୁ ୨୨ ଲକ୍ଷ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଘର ମିଳିବ।

ହିତାଧିକାରୀ ଚିହ୍ନଟରେ ତ୍ରୁଟି କଲେ ସଂପୃକ୍ତ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚତୁର୍ଥ ପର୍ଯ୍ୟାୟରେ ଆସୁଥିବା ପକ୍କା ଘର କ୍ଷେତ୍ରରେ ସରକାର କିଛି ପରିବର୍ତ୍ତନ କରିଛନ୍ତି । ବାପାଙ୍କ ଠାରୁ ଅଲଗା ହୋଇଥିବା ବ୍ୟକ୍ତିଙ୍କୁ ମିଳିବା ପକ୍କା ଘର। ଏଥିରେ ହିତାଧିକାରୀଙ୍କୁ ଚୟନ କରିବା ପାଇଁ ସରକାର ୧୦ଟି କ୍ରାଇଟେରିଆ। କରିଛନ୍ତି। ଏହି ପ୍ରକ୍ରିୟା ପାଇଁ ୬ ମାସ ସମୟ ଲାଗିବ। ବିଗତ ସରକାରରେ ଅନେକ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବ ସରକାର ଠିକ୍ ତାଲିକା ଦେଲେ ନାହିଁ ବୋଲି ଲକ୍ଷ ଲକ୍ଷ ଗରିବ ଘର ପାଇବାରୁ ବଞ୍ଚିତ ହେଲେ। ନଚେତ୍ ଓଡ଼ିଶାକୁ ଅଧିକ ଘର ଆସିଥାନ୍ତା। ସର୍ବଭାରତୀୟ ସ୍ତରରେ ୨୦୧୭-୧୮ ମସିହାରେ ଗୋଟିଏ ତାଲିକା ପ୍ରସ୍ତୁତ ହୋଇଥିଲା।

କିନ୍ତୁ ତତ୍କାଳୀନ ରାଜ୍ୟ ସରକାର ସେହି ତାଲିକା ପ୍ରସ୍ତୁତ କଲେ ନାହିଁ, ଲୁଚେଇ ଦେଲେ। ତେଣୁ ବଞ୍ଚିତ ହୋଇଥିବା ଗରିବ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ୬ ମାସ ଭିତରେ ସରକାର ଘର କରିବା ପାଇଁ କାର୍ଯ୍ୟାଦେଶ ଦେବେ। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡିଓ, ପିଇଓମାନେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ରହିବେ। ତେଣୁ ଯଦି ଚିହ୍ନଟ ପ୍ରକ୍ରିୟାରେ କୌଣସି ତ୍ରୁଟି ହେବ, ତେବେ ତଦନ୍ତ କରି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏ ନେଇ ଗାଇଡଲାଇନ ପ୍ରସ୍ତୁତ କରି ପ୍ରତି ବ୍ଲକକୁ ଦିଆଯାଇଛି। ଏହି ପ୍ରକ୍ରିୟାରେ ଆଗାମୀ ଦିନରେ ୨୦ରୁ ୨୨ ଲକ୍ଷ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଘର ଦିଆଯିବ। ପୂର୍ବ ସରକାରରେ ଜଣେ ଲୋକ ୩ଟି ପର୍ଯ୍ୟନ୍ତ ଘର ପାଉଥିଲେ। ତେଲିଆ। ମୁଣ୍ଡରେ ତେଲ ଦିଆଯାଉଥିଲା। କିନ୍ତୁ ବିଜେପି ସରକାର ଯୋଗ୍ୟଙ୍କୁ ଚିହ୍ନଟ କରି ଘର ଦେବ। ଭୂମିହୀନମାନଙ୍କୁ ମଧ୍ୟ ଚିହ୍ନଟ କରିବା ପାଇଁ କ୍ଲଷ୍ଟର କରୁଛନ୍ତି ସରକାର।

## ନେତାନ୍ୟାହୁଙ୍କ ସହ କଥା ହେଲେ ମୋଦି

**ନୂଆଦିଲ୍ଲୀ,୩୦।୯(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଫୋନରେ କଥା ହୋଇଛନ୍ତି। ନେତାନ୍ୟାହୁଙ୍କ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ବାର୍ତ୍ତାଳାପ ଏପରି ଏକ ସମୟରେ ହୋଇଛି, ଯେତେବେଳେ ଲେବାନନରେ ହେଜ୍‌ବୋଲ୍ଲା ଏବଂ



ୟେମନରେ ହୁତି ବିଦ୍ରୋହୀମାନଙ୍କ ଉପରେ ଇସ୍ରାଏଲ ଅତ୍ୟଧିକ ଆକ୍ରମଣ କରୁଛି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ନେତାନ୍ୟାହୁଙ୍କ ସହ ହୋଇଥିବା ବାର୍ତ୍ତାଳାପ ବିଷୟରେ ପ୍ରଧାନମନ୍ତ୍ରୀ ମୋଦି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପଶ୍ଚିମ ଏସିଆର ସାମ୍ପ୍ରତିକ ବିକାଶ ବିଷୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ସହ କଥା ହୋଇଛି। ଆମ ଦୁନିଆରେ ଆତଙ୍କବାଦ ପାଇଁ କୌଣସି ସ୍ଥାନ ନାହିଁ। ଆଞ୍ଚଳିକ ତିକ୍ତତାକୁ ରୋକିବା ଏବଂ ସମସ୍ତ ବନ୍ଧକଙ୍କର ନିରାପଦ ମୁକ୍ତି ନିଶ୍ଚିତ କରିବା ଜରୁରୀ ଅଟେ। ଶାନ୍ତି ଏବଂ ସ୍ଥିରତାର ଶୀଘ୍ର ପୁନରୁଦ୍ଧାର ପାଇଁ ଉଦ୍ୟମକୁ ସମର୍ଥନ କରିବାକୁ ଭାରତ ପ୍ରତିବଦ୍ଧ।

ଇସ୍ରାଏଲ ଲେବାନନରେ ହେଜ୍‌ବୋଲ୍ଲା ଟାର୍ଗେଟ ଉପରେ ଆକ୍ରମଣକୁ ତୀବ୍ର କରିଛି। କିଛି ଦିନ ପୂର୍ବରୁ ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ହେଜ୍‌ବୋଲ୍ଲା ମୁଖ୍ୟ ନାସରାଲ୍ଲାଙ୍କ ସମେତ ଅନେକ କମାଣ୍ଡରଙ୍କୁ ହତ୍ୟା କରିଛି ସେବେଠାରୁ ଇସ୍ରାଏଲକୁ ହେଜ୍‌ବୋଲ୍ଲା ଏବଂ ଇରାନ ମଧ୍ୟ ଧମକ ଦେଇଛନ୍ତି।

## ହିଜବୁଲ୍ଲା ପରେ ଇସ୍ରାଏଲ୍ ଟାର୍ଗେଟରେ ହୁତି

**ଜେରୁଜେଲମ୍,୩୦।୯ :** ହମାସ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରି ୧୨୦୦ରୁ ଅଧିକ ଇସ୍ରାଏଲକୁ ଅତି ନିର୍ମମ ଭାବରେ ହତ୍ୟା କରିବା ସହିତ ୨୫୦ ଲୋକଙ୍କୁ ବନ୍ଧକ ମଧ୍ୟ କରିଥିଲା। ହମାସର ଏହି ନିଷ୍ଠୁର କାର୍ଯ୍ୟ ପରେ ଇସ୍ରାଏଲ ହମାସକୁ ଧ୍ୱଂସ କରିବାକୁ ଶପଥ ନେଇଛି। ଏହା ପରେ ପାଲେଷ୍ଟାଇନର ଗାଜାରେ ଏୟାର ଷ୍ଟ୍ରାଇକ୍ ଏବଂ ସ୍ଥଳଭାଗରେ ଆକ୍ରମଣ କରି ଇସ୍ରାଏଲ ହମାସର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା। ଏହାପୂର୍ବରୁ, ଇସ୍ରାଏଲର ଟାର୍ଗେଟ କେବଳ ହମାସ ଥିଲା। ତାପରେ ହିଜବୁଲ୍ଲା ମଧ୍ୟ ଲେବାନନ ମାଟିରୁ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଥିଲା। ହିଜବୁଲ୍ଲା ଶହ ଶହ ରକେଟ ଏବଂ କ୍ଷେପଣାସ୍ତ୍ର ସହିତ ଇସ୍ରାଏଲକୁ ଟାର୍ଗେଟ କରିଥିଲା। ଇସ୍ରାଏଲ ହମାସକୁ ଛାଡି ହିଜବୁଲ୍ଲା ଶିବିର ଉପରେ ଆକ୍ରମଣ କରିଥିଲା। କିଛି ଦିନ ମଧ୍ୟରେ ଇସ୍ରାଏଲ ହିଜବୁଲ୍ଲା



ମୁଖ୍ୟ ହାସନ ନସ୍‌ରଲ୍ଲାଙ୍କ ସମେତ ଅନେକ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରିଛି। ଇସ୍ରାଏଲ ଏପର୍ଯ୍ୟନ୍ତ ଏହି ଯୁଦ୍ଧରେ ହମାସ ଏବଂ ହିଜବୁଲ୍ଲାର

ସମସ୍ତ ପ୍ରମୁଖ କମାଣ୍ଡରଙ୍କୁ ହତ୍ୟା କରିଛି ଏବେ ଇସ୍ରାଏଲ୍‌ର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ହୁତି ବିଦ୍ରୋହୀ।।

ୟେମେନର ହୋଦିଦା ବନ୍ଦରରେ ହୋଇଥିବା ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକରେ ଇସ୍ରାଏଲ ଶହ ଶହ ହୁତି ବିଦ୍ରୋହୀଙ୍କୁ ହତ୍ୟା କରିଛି। ହୁତି ବିଦ୍ରୋହୀମାନେ ପୂର୍ବରୁ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଦ୍ୱାରା ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ଇରାନ ହମାସ ଏବଂ ହିଜବୁଲ୍ଲା ସହିତ ହୁତି ବିଦ୍ରୋହୀଙ୍କୁ ମଧ୍ୟ ସମର୍ଥନ କରୁଛି। ଇସ୍ରାଏଲ ହୋଦିଦା ବନ୍ଦରକୁ ଟାର୍ଗେଟ କରିଥିଲା। କାରଣ ହୁତି ବିଦ୍ରୋହୀମାନେ ଏହି ବନ୍ଦରକୁ ଇରାନରୁ ଅସ୍ତ୍ରଶସ୍ତ୍ର ଆଣିବା ପାଇଁ ବ୍ୟବହାର କରିଥାନ୍ତି ଏବଂ ଏହି ବନ୍ଦର ଗତ କିଛି ବର୍ଷ ଧରି ହୁତି ବିଦ୍ରୋହୀଙ୍କ ଅଧୀନରେ ରହିଛି।

ଯଦିଓ ଇରାନ ଇସ୍ରାଏଲ ବିରୋଧରେ ସିଧାସଳଖ ଯୁଦ୍ଧକୁ ଏଡ଼େଇ ଦେଉଥିଲା, ତଥାପି ଇସ୍ରାଏଲର ଶତ୍ରୁମାନଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଆର୍ଥିକ ସହାୟତା ଯୋଗାଉଥିଲା। ଗତ ବର୍ଷ ହମାସ ଦ୍ୱାରା ହୋଇଥିବା ଆକ୍ରମଣ ପୂର୍ବରୁ ମଧ୍ୟ ଇସ୍ରାଏଲ ସାମୟିକ ଭାବେ ଯୁଦ୍ଧ କରୁଥିଲା, କିନ୍ତୁ ବର୍ତ୍ତମାନ ଇସ୍ରାଏଲ ଏହାର ପୁରୁଣା ଶତ୍ରୁମାନଙ୍କୁ ମୂଳରୁ ହଟାଇବା ପାଇଁ ରଣନୀତି ଅନୁସରଣ କରୁଛି।ହମାସ ଏବଂ ହିଜବୁଲ୍ଲାର ସମସ୍ତ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରି ଇସ୍ରାଏଲ ନିଜ ବିରୁଦ୍ଧରେ କୌଣସି ଆକ୍ରମଣକୁ ବରଦାସ୍ତ କରିବ ନାହିଁ ବୋଲି କହିଛି।କିଛି ଦିନ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମିଳିତ ଜାତିସଂଘରେ କାହାର ନାମ ନ ନେଇ ଇରାନକୁ ଚେତାବନୀ ଦେଇଥିଲେ ଏବଂ କହିଥିଲେ ଯେ ଯେଉଁମାନେ ଇସ୍ରାଏଲକୁ ଟାର୍ଗେଟ କରୁଛନ୍ତି, ସେମାନଙ୍କୁ ଏହାର ପରିଣାମର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ନେତାନ୍ୟାହୁ ଏହା ମଧ୍ୟ କହିଥିଲେ ଯେ ଇସ୍ରାଏଲର ସେନାଙ୍କ ପହଞ୍ଚିବାର କ୍ଷମତା ବାହାରେ କେଉଁସି ସ୍ଥାନ ନାହିଁ। ଇସ୍ରାଏଲର ଆକ୍ରମଣାତ୍ମକ ମନୋଭାବ ଯୋଗୁଁ ଇରାନ ମଧ୍ୟ ବ୍ୟାକ୍‌ଫୁଟରେ ଥିବା ଜଣାପଡିଛି। ହିଜବୁଲ୍ଲା ମୁଖ୍ୟ ହାସନ ନସ୍‌ରଲ୍ଲାଙ୍କ ମୃତ୍ୟୁ ପରେ ଇରାନ ମଧ୍ୟ ଇସ୍ରାଏଲର ଆକ୍ରମଣକୁ ଭୟ କରିବା ଆରମ୍ଭ କରିଛି।

### ୟେମେନର ହୋଦିଦା ବନ୍ଦରରେ ବଡ଼ଧରଣର ଏୟାର ଷ୍ଟ୍ରାଇକ

## ଅଡୁଆରେ ସିଦ୍ଧରମୈୟା

ବେଙ୍ଗାଲୁରୁ,୩୦।୯(ଏଜେନସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସମସ୍ୟା ବଢିଚାଲିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସିଦ୍ଧରମୈୟାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ସପ୍ତାହରେ କର୍ଣ୍ଣାଟକ ଲୋକାୟୁକ୍ତ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟମାନଙ୍କ ବିରୋଧରେ ଠକେଇ ଏବଂ ଅନ୍ୟାନ୍ୟ ଧାରାରେ ମାମଲା ରୁଜୁ କରିଥିଲେ। ଏହି ମାମଲା ମୈସୁର ନଗର ଉନ୍ନୟନ କର୍ତ୍ତୃପକ୍ଷ (ମୁଡା) ପ୍ଲଟ୍ ଆବଣ୍ଟନ ସହ ଜଡ଼ିତ ଅଦାଲତଙ୍କ ନିର୍ଦ୍ଦେଶ ପରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏବେ ସିଦ୍ଧରମୈୟାଙ୍କ ପତ୍ନୀ ଘର ଫେରାଇ ଦେବାକୁ ଚିଠି ଲେଖିଛନ୍ତି।

ସିଦ୍ଧରମୈୟା ତାଙ୍କ ପତ୍ନୀ ବିଏମ୍ ପାର୍ବତୀଙ୍କୁ ମୁଡା ପକ୍ଷରୁ ୧୪ଟି ଜାଗା ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ହୋଇଛି ଯେ ୨୦୧୧ରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ମହୀଶୂର ନଗର ଉନ୍ନୟନ କର୍ତ୍ତୃପକ୍ଷ ସମସ୍ତ ନିୟମ ଉଲ୍ଲଂଘନ କରି ୧୪ଟି ଆବାସ ସ୍ଥଳ ଦେଇଥିଲେ।


ସିଦ୍ଧରମୈୟା ତାଙ୍କ ପତ୍ନୀ ବିଏମ୍ ପାର୍ବତୀଙ୍କୁ ମୁଡା ପକ୍ଷରୁ ୧୪ଟି ଜାଗା ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ହୋଇଛି ଯେ ୨୦୧୧ରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ମହୀଶୂର ନଗର ଉନ୍ନୟନ କର୍ତ୍ତୃପକ୍ଷ ସମସ୍ତ ନିୟମ ଉଲ୍ଲଂଘନ କରି ୧୪ଟି ଆବାସ ସ୍ଥଳ ଦେଇଥିଲେ

ରାଜ୍ୟରେ ବିରୋଧୀ ଭାରତୀୟ ଜନତା ପାର୍ଟି ଏହି ପ୍ରସଙ୍ଗରେ ଲଗାତାର ବିକ୍ଷୋଭ ପ୍ରଦର୍ଶନ କରୁଛି ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଇସ୍ତଫା ଦାବି କରୁଛି।

## ଏଏସ୍‌ଆଇ ସସ୍‌ପେଣ୍ଡ

**ରାଜନଗର,୩୦।୯(ମହାଭରତ):** କେନ୍ଦ୍ରାପଡା ରାଜନଗର ଥାନା ଏଏସଆଇ ନରେନ୍ଦ୍ର ସିଂଙ୍କୁ ସସ୍‌ପେଣ୍ଡ କରାଯାଇଛି। ମହିଂଷାସୁର ଛକରେ ଦୋକାନୀକୁ ପିଟିବା ଅଭିଯୋଗରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିସହିତ ଅଭିଯୋଗ ଆଧାରରେ ଙ୍କ ନାଁରେ ରୁଜୁ ମାମଲା ହୋଇଥିବା ବେଳେ ବିଭାଗୀୟ ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ରାଜନଗର ଥାନା ଅନ୍ତର୍ଗତ ହଂସିଣା ଗୁଳା ଗ୍ରାମର ପ୍ରମୋଦ ବିଶାଳ ନିଜ ଦୋକାନରେ ଥିବାବେଳେ ରାଜନଗର ଥାନା ଗାଡି ସେଠାରେ ପହଞ୍ଚିଥିଲା। ଗାଡିରେ ଥିବା ପୋଲିସ କର୍ମଚାରୀ ନରେନ୍ଦ୍ର କୁମାର ସଂ ଜୈନିକ ଲୋକର ଠିକଣା ପଚାରିଥିଲେ। ପ୍ରମୋଦ ସେ ବ୍ୟକ୍ତିର ଠିକଣା କହିବା ପରେ ପୋଲିସ ସେଠାରୁ ଚାଲିଯାଇଥିଲେ। ମାତ୍ର କିଛି ସମୟ ପରେ ପୋଲିସ ଫେରିଆସି ହଠାତ୍ ପ୍ରମୋଦକୁ ନିସ୍ତୁକ ମାଡମାରି ଲହୁ ଲୁହାଣ କରିଥିଲେ। ଏହାପରେ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ପ୍ରମୋଦକୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ନ୍ୟାୟ ପାଇଁ ପ୍ରମୋଦ ଓ ତାଙ୍କ ପରିବାର କେନ୍ଦ୍ରାପଡା ଏସ୍‌ପିଙ୍କ ଦାରସ୍ଥ ହୋଇଥିଲେ।

## ମିଥୁନ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର

**ନୂଆଦିଲ୍ଲୀ,୩୦।୯(ପିଆଇବି):** କିମ୍ବଦନ୍ତୀ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ୨୦୨୨ ବର୍ଷ ପାଇଁ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯିବ। କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏହି ପୁରସ୍କାର ଘୋଷଣା କରିଛନ୍ତି।

ପଶ୍ଚିମବଙ୍ଗର କୋଲକାତାରେ ୧୬ ଜୁନ୍ ୧୯୫୦ରେ ଜନ୍ମ ହୋଇଥିବା ଗୌରାଙ୍ଗ ଚକ୍ରବର୍ତ୍ତୀ, ତାଙ୍କର ପ୍ରଥମ ଚଳଚ୍ଚିତ୍ର ‘ମୃଗୟା’ (୧୯୭୬)ରେ ଶ୍ରେଷ୍ଠ ଅଭିନେତା ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ । ଏହିଠାରୁ ପ୍ରତିଷ୍ଠିତ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ। (ଏଫ୍‌ଟିଆଇଆଇ)ର ଜଣେ ପୂର୍ବତନ ଛାତ୍ର ଭାବେ ମିଥୁନ ଚକ୍ରବର୍ତ୍ତୀ ତାଙ୍କ କଳାକୁ ଅଧିକ ସମ୍ମାନ ଜଣାଇବା ସହ ସିନେମା ଉଦ୍ୟୋଗରେ ତାଙ୍କର ଉଜ୍ଜ୍ୱଳମୟ କ୍ୟାରିଅର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ମୃଣାଳ ସେନଙ୍କ ଚଳଚ୍ଚିତ୍ରରେ ଜଣେ ସାନ୍ତାଳ ବିଦ୍ରୋହୀର ଭୂମିକା ତାଙ୍କ ପାଇଁ ଜାତୀୟ ସ୍ତରରେ ପ୍ରଶଂସା ଆଣିଦେଇଥିଲା ।



୧୯୮୦ ଦଶକରେ ମିଥୁନ୍ ଡିସ୍କୋ ଡାନ୍ସର (୧୯୮୨)ରେ ତାଙ୍କର ଭୂମିକା ଯୋଗୁଁ ଆଶାତୀତ ଲୋକପ୍ରିୟତା ହାସଲ କରିଥିଲେ, ଯେଉଁ ଚଳଚ୍ଚିତ୍ର ଉଭୟ ଭାରତ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବା ସହ ତାଙ୍କୁ ନୃତ୍ୟରେ ପାରଙ୍ଗମ ଜଣେ ଦକ୍ଷ ଅଭିନେତା ଭାବରେ ପରିଚିତ କରାଇଥିଲା । ଡିସ୍କୋ ଡାନ୍ସର (୧୯୮୨)ରେ ନିଜର ଐତିହାସିକ ଭୂମିକା ପାଇଁ ତାଙ୍କ ନାମ ଘରେ ଘରେ ବେଶ୍ ଜଣାଶୁଣା ପାଲଟିଯାଇଥିଲା ।ଏହା ଏପରି ଏକ ଚଳଚ୍ଚିତ୍ର ଥିଲା, ଯାହା କେବଳ ତାଙ୍କର ଅତୁଳନୀୟ ନୃତ୍ୟ ଦକ୍ଷତା ପ୍ରଦର୍ଶନ କରିନଥିଲା ବରଂ ଭାରତୀୟ ସିନେମାରେ ଡିସ୍କୋ ସଙ୍ଗୀତକୁ ମଧ୍ୟ ଲୋକପ୍ରିୟ କରିଥିଲା । ଅଗ୍ନିପଥରେ ତାଙ୍କର ପ୍ରଦର୍ଶନ ତାଙ୍କୁ ୧୯୯୦ରେ ଶ୍ରେଷ୍ଠ ସହାୟକ ଅଭିନେତା ଭାବରେ ଫିଲ୍ମଫେୟାର ପୁରସ୍କାର ମଧ୍ୟ ପ୍ରଦାନ କରିଥିଲା । ପରେ, ତାହାଦେର୍ କଥା (୧୯୯୨) ଏବଂ ସ୍ୱାମୀ ବିବେକାନନ୍ଦ (୧୯୯୮)ରେ ତାଙ୍କର ଭୂମିକା ପାଇଁ ସେ ଆଉ ଦୁଇଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ମିଥୁନ ତାଙ୍କର ବିସ୍ତୃତ କ୍ୟାରିଅରରେ ହିନ୍ଦୀ, ବଙ୍ଗଳା, ଓଡିଆ, ଭୋଜପୁରୀ ଏବଂ ତେଲୁଗୁ ସମେତ ବିଭିନ୍ନ ଭାରତୀୟ ଭାଷାରେ ୩୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ସେ ଆକ୍ସନଠାରୁ ଆରମ୍ଭ କରି ଡ୍ରାମା ଏବଂ କମେଡି ପର୍ଯ୍ୟନ୍ତ ବିଭିନ୍ନ ପ୍ରଦର୍ଶନ ପାଇଁ ଜଣାଶୁଣା ଏବଂ ଶ୍ରେଷ୍ଠ ଅଭିନେତା ପାଇଁ ୩ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମେତ ଅନେକ ପୁରସ୍କାର ଜିତିଛନ୍ତି।

## ଭରତପୁର ମାମଲାରେ ତଦନ୍ତ ଆରମ୍ଭ

**ଭୁବନେଶ୍ୱର,୩୦।୯(ମହାଭାରତ):** ଭରତପୁର ମାମଲାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଭୁବନେଶ୍ୱର ସର୍କିଟ ହାଉସରେ ପ୍ରଥମ ବୈଠକ ବସିଛି ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପୋଲିସ ଡିଜି ଓ ଗୃହ ସଚିବ ମଧ୍ୟ ଉପସ୍ଥିତ ଅଛନ୍ତି। ଅନ୍ୟପକ୍ଷରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ନିଲମ୍ବିତ ୫ ପୁଲିସ କର୍ମଚାରୀ।



ଏହି ବୈଠକ ପରେ କମିଶନଙ୍କ ସଚିବ ସୂଚନା ଦେଇ କହିଛନ୍ତି, ଘଟଣା ସଂପର୍କରେ ପ୍ରଥମେ ସତ୍ୟପାଠ ପାଇଁ ଆହ୍ୱାନ କରାଯିବ। ସତ୍ୟପାଠ ନେଇ ଆସନ୍ତାକାଲି ବିଜ୍ଞପ୍ତି ପ୍ରକାଶ କରାଯିବ। ଏହା ସହ ଆସନ୍ତାକାଲିଠାରୁ ୨୧ ଦିନ ପର୍ଯ୍ୟନ୍ତ ସତ୍ୟପାଠ ଗ୍ରହଣ କରାଯିବ। ଘଟଣା ସଂପର୍କରେ ଯିଏ ଜାଣିଥିବେ ବା କହିବାକୁ ଚାହୁଁଥିବେ, ସତ୍ୟପାଠ ଦେବେ। ସତ୍ୟପାଠ ଆସିବା ପରେ ତାକୁ ଯାଞ୍ଚ କରାଯାଇ ତଦନ୍ତ ଆଗେଇବ। ସତ୍ୟପାଠ ଯାଞ୍ଚ ପରେ ସାକ୍ଷ୍ୟଗ୍ରହଣ ଆରମ୍ଭ କରାଯିବ ବୋଲି କହିଛନ୍ତି ଜଷ୍ଟିସ ସିଆର୍ ଦାସ କମିଶନଙ୍କ ସଚିବ।ଏହି ମାମଲାରେ ନିଲମ୍ବିତ ପୁଲିସ ଅଧିକାରୀମାନଙ୍କୁ ମଧ୍ୟ ପଚରାଉଚରା କରାଯିବ। ଏହା ସହ ଅନ୍ୟ ପକ୍ଷମାନଙ୍କୁ କମିଶନରେ ହାଜର ପାଇଁ ସମନ କରିବା ସହ ସାକ୍ଷ୍ୟଗ୍ରହଣ ଏବଂ ତଦନ୍ତ ପରେ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି କମିଶନଙ୍କ ସଚିବ।

ଅନ୍ୟପକ୍ଷରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ନିଲମ୍ବିତ ଥାନାଧିକାରୀ ଆଇଆଇସି ଦୀନକୃଷ୍ଣ ମିଶ୍ର ତାଙ୍କ ସହିତ ନିଲମ୍ବିତ ଏସଆଇ ବୈଶାଲିନୀ ପଣ୍ଡା, ଏଏସଆଇ ସଲିଲାମୟୀ ସାହୁ, ଏଏସ୍‌ଆଇ ସାଗରିକା ରଥ ଓ କନଷ୍ଟେବଲ ବଳରାମ ହାଁସଦା। ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି। ସେନା ଅଧିକାରୀ ଗୁରୁବଂଶ ସିଂହ ଓ ତାଙ୍କ ବାନ୍ଧବୀଙ୍କୁ ନିଯ;ାତନା ଦେବା ଅଭିଯୋଗ ପରେ କ୍ରାଇମବ୍ରାଞ୍ଚ ଏହି ୫ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। କନଷ୍ଟେବଲ ବଳରାମ ହାଁସଦାଙ୍କୁ ଛାଡ଼ି ଦେଲେ ଅନ୍ୟ ନିଲମ୍ବିତ ପୁଲିସ ଅଧିକାରୀମାନଙ୍କର ପଲିଗ୍ରାଫ ଟେଷ୍ଟ ହେବ। ସେଥିପାଇଁ ସେମାନେ ଗୁଜରାଟ ଯାଇଛନ୍ତି ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ନାର୍କୋ ଆନାଲିସିସ ଓ ବ୍ରେନ୍ ମ୍ୟାପିଂ ଟେଷ୍ଟ ମଧ୍ୟ ହେବ।

## ନୂଆ ସିପିଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ୩୦।୯(ମହାଭାରତ) :** ଆଜି ଟ୍ୱିନ୍ ସିଟିର ନୂତନ ପୋଲିସ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସୁରେଶ ଦେବଦତ୍ତ ସିଂହ। କଟକ- ଭୁବନେଶ୍ୱରର ୧୦ମ ପୋଲିସ କମିଶନର ଭାବେ ଯୋଗ ଦେଇଛନ୍ତି ବରିଷ୍ଠ ଆଇପିଏସ୍ ସୁରେଶ ସିଂହ। ପୂର୍ବତନ କମିଶନର ସଞ୍ଜୀବ ପଣ୍ଡାଙ୍କ ସ୍ଥାନ ନେଇଛନ୍ତି ସୁରେଶ ଦେବଦତ୍ତ ।



ରାଜ୍ୟ ସରକାରଙ୍କ ପକ୍ଷରୁ ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳ ବଦଳ ହୋଇଥିଲା। ୧୯୯୮ ବ୍ୟାଚର ବରିଷ୍ଠ ଆଇପିଏସ୍ ଦେବଦତ୍ତ ସିଂହଙ୍କୁ ପୋଲିସ କମିଶନରଙ୍କ ମୁଖ୍ୟାଳୟରେ ଗାର୍ଡ଼ ଅଫ ଅନର ପ୍ରଦାନ ପରେ ସଂଜୀବ ପଣ୍ଡା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ମୁଖ୍ୟତଃ ନକ୍ସଲ ଅପରେସନକୁ ସଫଳତାର ସହ ପରିଚାଳନା କରିବାରେ ପ୍ରମୁଖ ଭୂମିକା ନିର୍ବାହ କରି ସାରିଛନ୍ତି ସୁରେଶ ଦେବଦତ୍ତ ସିଂହ। ଏହାବାଦ ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ହେଉଥିବା ଗଞ୍ଜେଇ ଚାଷକୁ ଡ୍ରୋନ ସାହାଯ୍ୟରେ ଚିହ୍ନଟ କରି ତାହାକୁ ନଷ୍ଟ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଚଳିତ ନିର୍ବାଚନରେ ନକ୍ସଲ ହିଂସା ମୁକ୍ତ ନିର୍ବାଚନ କରାଇବା ତାଙ୍କର ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି । ତେବେ ନୂଆ। ଦାୟିତ୍ୱ ନେବା ପରେ ଶ୍ରୀ ସିଂହଙ୍କ ସମ୍ମୁଖରେ ବିଭିନ୍ନ ସମସ୍ୟା ଚାଲେଞ୍ଜ ଭାବେ ଛିଡ଼ା ହୋଇଛି। ମୁଖ୍ୟତଃ କଟକ, ଭୁବନେଶ୍ୱରରେ ଅପରାଧିକ କାର୍ଯ୍ୟକଳାପକୁ ରୋକିବା, ଗଞ୍ଜେଇ ଚୋରା ଚାଲାଣ, ସାଇବର କ୍ରାଇମ୍ ତଥା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦକ୍ଷତାର ସହ ପରିଚାଳନା କରିବାରେ ସେ କିପରି ଭୂମିକା ନିବାହ କରୁଛନ୍ତି ତା’ ଉପରେ ସମସ୍ତଙ୍କ ନଜର।

## ୫ ସୁଦ୍ଧା ଟ୍ୱିନ୍ ସିଟି ରାସ୍ତା ମରାମତି

ଭୁବନେଶ୍ୱର,୩୦।୯(ମହାଭାରତ): ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଆସନ୍ତା ୫ତାରିଖ ସୁଦ୍ଧା କଟକ ଓ ଭୁବନେଶ୍ୱର ସହରର ସମସ୍ତ ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ଏଜେନ୍ସୀକୁ ଆଜି ରାତିସୁଦ୍ଧା କାର୍ଯ୍ୟରେ ଲଗାଇବାକୁ ତାଗିଦ୍ କରାଯାଇଛି ।ଦୁର୍ଗାପୂଜା ଅଳ୍ପଦିନ ଥିବାରୁ ଖୁବଶୀଘ୍ର ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଅଗୋମୀ ଦିନରେ ପ୍ରତ୍ୟେକ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ବିଭାଗ ପକ୍ଷରୁ ତଦାରଖ କମିଟି ଯାଂଚ କରିବ। ନିମ୍ନମାନର କାର୍ଯ୍ୟ ପାଇଁ ଦାୟିରେ ଥିବା ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ କହିଛନ୍ତି।

ବୈଠକରେ ପୂର୍ତ୍ତ ସଚିବ ବୀରବିକ୍ରମ ଯାଦବ ସମସ୍ତ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀମାନଙ୍କୁ କ୍ଷେତ୍ରକୁ ଯାଇ ନିର୍ମାଣ କାର୍ଯ୍ୟ ତଦାରଖ ନିମନ୍ତେ ପରାମର୍ଶ ଦେଇଛନ୍ତି। ରାସ୍ତା ନିର୍ମାଣରେ ବ୍ୟବହୃହତ ପେଭର ମେସିନର ଅଭାବ ପୂରଣ କରିବା ପାଇଁ ଏଜେନ୍ସୀ ସହିତ ଯୋଗାଯୋଗ କରି ଆଜି ରାତି ସୁଦ୍ଧା ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାର ଜନଅସନ୍ତୋଷକୁ ବରଦାସ୍ତ କରାଯିବ ନାହିଁ ତେଣୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସଜାଗ ହୋଇ୍ ରି ବେଗରେ କାର୍ଯ୍ୟ ଆଗେଇ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି ।

ଆଜିର ବୈଠକରେ ଇଆଇସି(ସିଭିଲ) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟଯନ୍ତ୍ରୀ ବଶିଷ୍ଠ ପଟ୍ଟନାୟକ ଓ ଧ୍ୟାନଚନ୍ଦ୍ର ନାୟକଙ୍କ ସମେତ କଟକ ଓ ଭୁବନେଶ୍ୱର ଅଂଚଳର ମୁଖ୍ୟ ନିମ;ାଣ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଫରେଷ୍ଟରଙ୍କ ସନ୍ଦେହଜନକ ମୃତ୍ୟୁ

**ଭବାନୀପାଟଣା/ ଥୁଆମୂଳ ରାମପୁର, ୩୦।୯(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ କଳମପୁର ସେକ୍ସନର ଫରେଷ୍ଟର ପ୍ରକାଶ ମିଶ୍ରଙ୍କର ଆଜି ଅପରାହ୍ନରେ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ସେ ଅଫିସରେ କାର୍ଯ୍ୟ କରୁଥିଲା ବେଳେ ହଠାତ୍ ଅସୁସ୍ଥ ହୋଇ ସଂଜ୍ଞାହୀନ ଅବସ୍ଥାରେ ଟଳିପଡିଥିଲେ। ପରେ ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କର ବୟସ ୪୮ ବର୍ଷ ହୋଇଥିଲା। ତାଙ୍କ ଘର ଜିଲାର ଜୁନାଗଡ଼ ଥାନା ଅନ୍ତର୍ଗତ ପରିଆ। ଗାଁ ହୋଇଥିବାବେଳେ ସେ ଭବାନୀପାଟଣାରେ ସ୍ତ୍ରୀ ଓ ଝିଅ ସହିତ ରହୁଥିଲେ। ଗତ ମାସକ ତଳେ ତାଙ୍କ ବାପା ଶିକ୍ଷକ ବିନାୟକ ମିଶ୍ରଙ୍କ ମୃତ୍ୟୁ ହୋଇଥିଲା।

## ବ୍ରେଡ ଉତ୍ତପମ

**ଆବଶ୍ୟକୀୟ ସାମଗ୍ରୀ :** ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତ ପ୍ରଣାଳୀ :** ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଚର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।



**ପରଦା ଖବର**

## ଫିଲ୍ମ 'ଏମରଜେନ୍ସି'ରେ ହେବ ପରିବର୍ତ୍ତନ; ରାଜି ହେଲେ କଙ୍ଗନା



କଙ୍ଗନା ରାଣାୱତଙ୍କ ବିବାଦୀୟ ଫିଲ୍ମ 'ଏମରଜେନ୍ସି' ରିଲିଜ ଉପରେ ଆଜି ମୁମ୍ବାଇ ହାଇକୋର୍ଟରେ ଶୁଣାଣି ହୋଇଛି। ଶୁଣାଣି ସମୟରେ ସିବିଏଫସି କୋର୍ଟଙ୍କୁ କହିଛନ୍ତି ଫିଲ୍ମରେ ପରିବର୍ତ୍ତନ ପାଇଁ ପ୍ରଯୋଜକ- ନିର୍ଦ୍ଦେଶକ ତଥା ମେନ୍ ରୋଲରେ ନଜର ଆସିଥିବା ଅଭିନେତ୍ରୀ କଙ୍ଗନା ରାଣାୱାତ କିଛି ଦୃଶ୍ୟ କାଟିବା ପାଇଁ ସହମତି ପ୍ରକାଶ କରିଛନ୍ତି। ସେନ୍ସର ବୋର୍ଡର ସଂଶୋଧନ କମିଟି ଦ୍ୱାରା ଫିଲ୍ମର କିଛି ଦୃଶ୍ୟ କାଟିବା ପାଇଁ ରାଜି ହୋଇଥିବା ଜଣାପଡ଼ିଛି।ଜଷ୍ଟିସ୍ ବର୍ଗିସ୍ କୋଲାବାୱାଲା ଏବଂ ଜଷ୍ଟିସ୍ ଫିରଦୋସ ପୁନିୱାଲା ଏହି ମାମଲାର ଶୁଣାଣି କରିଛନ୍ତି। ଓକିଲ ଶରଣ ଜଗତିୟାନୀ କହିଛନ୍ତି କହିଛନ୍ତି ଯେ ସିବିଏଫସି ଏବେ ସେନ୍ସର ବୋର୍ଡର ସଂଶୋଧନ କମିଟି ଦେଇଥିବା ପରାମର୍ଶ ଉପରେ ଜବାବ ଦେବ। ସେହି ଅନୁଯାୟୀ ଫିଲ୍ମର କିଛି ଦୃଶ୍ୟ କାଟି ଦିଆଯିବ। ଏମରଜେନ୍ସି ଫିଲ୍ମର କିଛି ଦୃଶ୍ୟ କାଟିବା ପରେ ଫିଲ୍ମ ରିଲିଜ ହେବ ବୋଲି ପୂର୍ବରୁ କୁହାଯାଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩ରେ ହେବ।




## ଭଗବାନ ଅର୍ଦ୍ଧନାରୀଶ୍ୱର



ତପସ୍ୱୀ ଭୃଙ୍ଗୀ ଭଗବାନ ଶିବଙ୍କ ପରମଭକ୍ତ ଥିଲେ । ସେ ସର୍ବଦା ଶିବଙ୍କୁ ଭଜନ କରୁଥିଲେ । ତେବେ ସେ ଦେବୀ ଶକ୍ତିଙ୍କୁ କେବେ ଆରାଧନା କରୁନଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଦେବୀ ଶକ୍ତି ତାଙ୍କ ଠାରୁ ଶକ୍ତି ଛଡ଼ାଇ ନେଲେ । ଶକ୍ତିବିହୀନ ଭୃଙ୍ଗୀ ଆଉ ଭୂମିରେ ସିଧାସଳଖ ଛିଡ଼ା ମଧ ହୋଇପାରିଲେ ନାହିଁ । ତାଙ୍କ ଦୁଃଖ ଦେଖି ଭଗବାନ ଶିବ ତାଙ୍କୁ ଏକ ବାଡ଼ି ଦେଲେ । ସେହି ବାଡ଼ିକୁ ଧରି ଭୃଙ୍ଗୀ ସିଧାସଳଖ ଛିଡ଼ା ହେଲେ । ଏହାପରେ ମଧ ଭୃଙ୍ଗୀ କେବଳ ଭଗବାନ ଶିବଙ୍କୁ ପୂଜା କଲେ, ଶକ୍ତିଙ୍କୁ ନୁହେଁ । ଦେବୀ ଶକ୍ତି ଭଗବାନ ମହାଦେବଙ୍କ ସହିତ ସମ୍ପୂର୍ଣ୍ଣ ରୂପରେ ସମ୍ମିଳିତ ହେବାର ପ୍ରୟାସ ଜାରି ରଖିଲେ । ସେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଦେବୀ ଶକ୍ତିଙ୍କୁ ନିଜର ଅର୍ଦ୍ଧାଙ୍ଗ ରୂପରେ ଗ୍ରହଣ କଲେ । ଏହାପରେ ସେ 'ଅର୍ଦ୍ଧନାରୀଶ୍ୱର' ଅବତାରରେ ଉଭା ହେଲେ । ଭଗବାନ ଅର୍ଦ୍ଧନାରୀଶ୍ୱରଙ୍କ ବାମ ପାର୍ଶ୍ୱ ପୁରୁଷ ବା ଶିବ ଏବଂ ଡାହାଣ ପାର୍ଶ୍ୱ ନାରୀ ବା ଶକ୍ତିଙ୍କ ରୂପରେ ପୂଜା କରାଗଲା ।

## ହୃଦୟ ପାଇଁ ହିତକର ଅଖରୋଟ୍

ହୃଦୟ ସୁସ୍ଥ ରହିଲେ ଶରୀର ମଧ ସୁସ୍ଥ ରହେ। ସେଥିପାଇଁ ହୃଦୟକୁ ସୁସ୍ଥ ରଖିବା ମହତ୍ୱପୂର୍ଣ୍ଣ। ଖାଦ୍ୟପେୟ ଶରୀରକୁ ପ୍ରଭାବିତ କରିଥାଏ। ସେଥିପାଇଁ ଆହାରରେ ଏମିତି ଖାଦ୍ୟ ପଦାର୍ଥ ସାମିଲ କରିବା ଉଚିତ ଯାହା ମଣିଷକୁ ସୁସ୍ଥ ରଖିବ। ଅଖରୋଟ ଏହିଭଳି ଏକ ସ୍ୱାସ୍ଥ୍ୟକର ଖାଦ୍ୟ। ସେଥିପାଇଁ ଅଖରୋଟ୍ ସେବନ କରିବା ଉଚିତ। ଏହିଭଳି ଆଉ ଏକ ସ୍ୱାସ୍ଥ୍ୟକର ଖାଦ୍ୟ ହେଲା ଶୁଖିଲା ଏପ୍ରିକଟ୍। ଏପ୍ରିକଟରେ ନା କେବଳ ପୋଷାକ ତତ୍ୱ ଭରପୁର ରହିଛି ବରଂ ଏଥିରେ ଅନେକ । ଯୌଆକ୍ଟିଭ୍ ତତ୍ୱ ମଧ ରହିଛି ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଅଖରୋଟ୍ ମସ୍ତିଷ୍କ ସହ ହୃଦୟ ପାଇଁ ମଧ ହିତକର। ଏହା ହୃଦୟର କାର୍ଯ୍ୟ ପ୍ରଣାଳୀ ସଞ୍ଚାଳିତ ଓ ନିୟନ୍ତିତ କରିଥାଏ ଓ ସୁଧାର ଆଣିଥାଏ। ଅଖରୋଟରେ ଓମେଗା ଫେଟି ଏସିଡ ଅଧିକ ମାତ୍ରାରେ ରହିଛି। ଯେଉଁଥିପାଇଁ ଏହା କାର୍ଡିଓଭାସ୍କୁଲାର ସିଷ୍ଟମ୍ ପାଇଁ ବହୁତ ଲାଭଦାୟୀ ହୋଇଥାଏ। ଓମେଗା-୩ ଫେଟି ଏସିଡ ଶରୀରରେ ଖରାପ କୋଲେଷ୍ଟ୍ରୋରଲକୁ କମ୍ କରିବା ଓ ଭଲ କୋଲେଷ୍ଟ୍ରୋରଲକୁ ବୃଦ୍ଧି କରାଇଥାଏ ଯାହା ହୃଦୟ ପାଇଁ ହିତକର। ପ୍ରତିଦିନ କିଛି ଅଖରୋଟ୍ ସେବନ କଲେ ଉଚ୍ଚ ରକ୍ତଚାପ କମ କରିବାରେ ସହାୟକ ହୋଇଥାଏ। ଅଖରୋଟରେ ଭରପୁର ମାତ୍ରାରେ ଭିଟାମିନ୍-ବି, ଫାଇବର, ମ୍ୟାଗନେସିୟମ୍ ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି। ଅଖରୋଟରେ ପ୍ରୋଟିନ୍ ମଧ ଭରପୁର ମାତ୍ରାରେ ରହିଛି। ଅଖରୋଟ୍ ସୁଜନ ନିୟନ୍ତ୍ରଣ କରିବା, ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ। ଏହି ସବୁ ଗୁଣ ସହ ଏହା ହୃଦୟକୁ ମଧ ସୁସ୍ଥ ରଖିଥାଏ। ଅଖରୋଟରେ କ୍ୟାଲୋରୀ ମଧ ବହୁତ ମାତ୍ରାରେ ରହିଛି। ସେଥିପାଇଁ ସଂଯମର ସହ ତାକୁ ସେବନ କରିବାକୁ ପରାମର୍ଶ ଦିଆଯାଇଥାଏ। ପ୍ରତିଦିନ ଗୋଟିଏରୁ ଦୁଇଟି ଅଖରୋଟ୍ ସକାଳେ କିମ୍ବା ସନ୍ଧ୍ୟାରେ ସେବନ କରିବା ଉଚିତ। ଗୋଟିଏ ଦିନରେ ୫ରୁ ଅଧିକ ଅଖରୋଟ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା ଗରମ ହୋଇଥାଏ। ସେଥିପାଇଁ ଜ୍ୱର ହେବାର ସମ୍ଭାବନା ମଧ ରହିଛି। କଫ ସମସ୍ୟା ଥିଲେ ଅଖରୋଟ ସେବନ କରିବା ଉଚିତ ନୁହେଁ। ଖାଲି ପେଟରେ ଅଖରୋଟ୍ ସେବନ କରିବା ଉଚିତ। ଅଖରୋଟ୍ ସେବନ କରିବାର ସଠିକ ତରିକା ହେଲା, ଏହାଲୁ କଦଳୀ କିମ୍ବା ଦହିରେ ମିଶାଇ ମିଶ୍ରଣ କରି ଖାଇବା। ତାଛଡା ସାଲାଡ଼ ସହ ମଧ ଖାଇପାରିବେ। ଅଖରୋଟରେ ଲେମ୍ବୁ ରସ, ରସୁଣ, ଅଲିଭ ଅଏଲ, ଲୁଣ ଓ ଗୋଲମରିଚ ଗୁଣ୍ଡ ମିଶାଇ ମଧ ସେବନ କରିପାରିବେ।



## ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧା



ଭଗବାନ ଶ୍ରୀକୃଷ୍ଣଙ୍କ ଏକତ୍ର ମୂର୍ତ୍ତି ଦେଖାଯିବା ବିରଳ। ସର୍ବଦା ଦେବୀ ରାଧାଙ୍କ ସହ ତାଙ୍କୁ ପୂଜା କରାଯାଇଥାଏ। ବୃନ୍ଦାବନରେ କଟିଥିଲା ଭଗବାନ କୃଷ୍ଣଙ୍କ ପିଲାଦିନ। ସେଠାରୁ କିଛି ଦୂରରେ ଥିବା ରେପଲ୍ଲୀ ନାମକ ସ୍ଥାନରେ ଦେବୀ ରାଧାଙ୍କ ଘର ଥିଲା। ମାତ୍ର ପ୍ରତିଦିନ ଶ୍ରୀକୃଷ୍ଣଙ୍କ ସୁମଧୁର ବଇଁଶୀ ସ୍ୱର ଶୁଣି ସେ ବୃନ୍ଦାବନକୁ ଦୌଡ଼ି ଚାଲିଆସୁଥିଲେ। ସେ ଭଗବାନ କୃଷ୍ଣଙ୍କ ଠାରୁ ୫ ବର୍ଷ ବଡ଼ ଥିଲେ। ଶ୍ରୀକୃଷ୍ଣଙ୍କ ବଇଁଶୀ ସ୍ୱର ଶୁଣି ଅନ୍ୟ ଗୋପୀମାନେ ମଧ ଆସୁଥିଲେ। ତେବେ ସେମାନେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱରରେ ମୁଗ୍ଧ ହୋଇଯିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ରାଧାଙ୍କ ନିକଟକୁ ଚାଲିଯାଉଥିଲେ। ଏହିପରି ଚାଲିଥିବା ସମୟରେ ଧୀରେ ଧୀରେ ସେ ସମୟ ନିକଟସ୍ଥ ହେଉଥିଲା, ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ଛାଡ଼ି ବୃନ୍ଦାବନରୁ ମଥୁରା ଯିବାର ଥିଲା। ମାମୁ କଂସର ଆମନ୍ତ୍ରଣକ୍ରମେ କୃଷ୍ଣ-ବଳରାମ ମଥୁରା ବାହାରିଲେ। ଏହି ଖବର ଶୁଣିବା ପରେ ସମଗ୍ର ବୃନ୍ଦାବନବାସୀ ଦୁଃଖରେ ଭାଙ୍ଗିପଡ଼ିଲେ। ସବୁଠୁ ବେଶୀ ପୀଡ଼ା ଅନୁଭବ କରିଥିଲେ ମାତା ଯଶୋଦା ଏବଂ ଦେବୀ ରାଧା। ବିଦାୟ ନେବାର ବେଳ ଆସିବାରୁ ଭଗବାନ ଶ୍ରୀକୃଷ୍ଣ ଭାବିଲେ, ଥରୁଟିଏ ଯାଇ ରାଧାଙ୍କୁ ଦେଖା କରି ଆସିବେ। ଦୁହେଁ ପରସ୍ପରକୁ ଭେଟିଲେ। ଶ୍ରୀକୃଷ୍ଣଙ୍କ ମୁଖରେ ଭାଷା ନଥିଲା। ରାଧାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ନିଗିଡ଼ି ପଡୁଥିଲା। ଦୁହେଁ ପରସ୍ପରର ସମ୍ମୁଖରେ ଛିଡ଼ା ହୋଇଥିଲେ ବି କେହି ପଦୁଟିଏ ବି କଥା କହୁନଥିଲେ। ଉଭୟ ପରସ୍ପରର ହୃଦୟକୁ ଖୁବ୍ ଭଲ ଭାବେ ପଢ଼ି ନେଉଥିଲେ। ସେଥିପାଇଁ ନିରବ ଥିଲେ ବି ସେମାନେ ମନେ ମନେ ଯାହା ବାର୍ତ୍ତାଳାପ କରିବା କଥା କରିନେଲେ। ଶେଷରେ ରାଧାଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ଫେରିଲେ। ଅନ୍ୟପଟେ ବୃନ୍ଦାବନ ଛାଡ଼ି ଚାଲିଯିବା ଲାଗି ଗୋପୀଙ୍କୁ ମଧ ରାଜି କରେଇନେଲେ । ଶ୍ରୀକୃଷ୍ଣ ଚାଲିଯିବା ପରେ ସାରା ବୃନ୍ଦାବନ ଖାଁ ଖାଁ ହୋଇଗଲା। ସମସ୍ତେ କୃଷ୍ଣଙ୍କୁ ଝୁରୁଥିଲେ, କାନ୍ଦୁଥିଲେ ଆଉ ତାଙ୍କ ଅନୁପମ ଲୀଳାକୁ ମନେ ପକାଉଥିଲେ। ରାଧା କିନ୍ତୁ ଥିଲେ ନିରବ ଏବଂ ନିଶ୍ଚଳ। ତାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ବିରହର କୌଣସି ପ୍ରତିକ୍ରିୟା ନଥିଲା। କାରଣ ସେ ଜାଣିଥିଲେ ଯେ ଶ୍ରୀକୃଷ୍ଣ ହୁଏତ' ଶାରୀରିକ ଭାବେ ତାଙ୍କ ଠାରୁ ଦୂରେଇ ଯାଇଛନ୍ତି, କିନ୍ତୁ ଏବେ ବି ସେ କୃଷ୍ଣଙ୍କ ସତ୍ତାକୁ ନିଜ ମନପ୍ରାଣରେ ଅନୁଭବ କରିପାରୁଛନ୍ତି। ଶେଷରେ ରାଧାଙ୍କୁ ବିବାହ କରିବାକୁ ପଡ଼ିଥିଲା। ସେ ଗୃହସ୍ଥ ଧର୍ମ ପାଳନ କଲେ। ତାଙ୍କର ବୃଦ୍ଧାବସ୍ଥା ଆସିଗଲା। ବୃଦ୍ଧାବସ୍ଥାରେ ଦିନେ ସେ ଲୁଚି ଲୁଚି ଶ୍ରୀକୃଷ୍ଣଙ୍କ ନଗରୀ ଦ୍ୱାରୀକାରେ ପହଞ୍ଚିଗଲେ। ଥରକେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଭେଟିବାକୁ ସୁଯୋଗ ମିଳିଲା ନାହିଁ। ତେବେ ଭିଡ଼ ଭିତରେ ସେ କୃଷ୍ଣଙ୍କୁ ଖୋଜିନେଲେ। ରାଧାଙ୍କୁ ଦେଖି ଶ୍ରୀକୃଷ୍ଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ। ସେତେବେଳେ ମଧ ଶ୍ରୀକୃଷ୍ଣ କିମ୍ବା ରାଧାଙ୍କ ପାଟିରେ ପଦୁଟିଏ କଥା ବାହାରିଲା ନାହିଁ। କାରଣ ଦୁହେଁ ପରସ୍ପରର ମାନସିକ ସଙ୍କେତ ବୁଝିପାରୁଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ନିଜ ମହଲରେ ଜଣେ ଦେବୀକା ରୂପରେ ରହିବା ଲାଗି କହିଲେ। ଦେବୀ ରାଧା ମହଲ କିଛିଦିନ ରହିଲେ। ଇଚ୍ଛା ହେଲେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ। ଏମିତି କିଛିଦିନ ବିତିଯିବା ପରେ ଥରେ ରାଧାଙ୍କ ମନ ଅସ୍ଥିର ହୋଇଉଠିଲା। ପୁଣିଥରେ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କା ତାଙ୍କୁ ବ୍ୟଥିତ କରୁଥିଲେ। ଏମିତିରେ ଦିନେ ସେ ଦ୍ୱାରୀକା ମହଲ ଛାଡ଼ିଚାଲିଗଲେ। ଏମିତି ଚାଲି ଚାଲି ସେ ଏକ ଏକାନ୍ତ ସ୍ଥାନରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ହୋଇଥିବାରୁ ସେ ସବୁକିଛି ଜାଣିନେଉଥିଲେ। ସେ ଜାଣିଥିଲେ ଯେ ଦେବୀ ରାଧାଙ୍କ ଦେହତ୍ୟାଗର ସମୟ ଆସିଯାଇଛି। ଏହି ସମୟରେ ରାଧା ତାଙ୍କୁ ସ୍ମରଣ କଲେ। ଶ୍ରୀକୃଷ୍ଣ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କିଛି ବର ମାଗିବାକୁ କହିଲେ। ଦେବୀ ରାଧା କିନ୍ତୁ ମନାକଲେ। ଶ୍ରୀକୃଷ୍ଣ ତାଙ୍କୁ କିଛି ଦେବାକୁ ଚାହୁଁଥିଲେ, କାରଣ ସାରା ଜୀବନ ଦେବୀ ରାଧା ତାଙ୍କୁ କେବେ କିଛି ମାଗିନଥିଲେ। ଶେଷରେ ଦେବୀ ରାଧା ବଂଶୀ ସ୍ୱର ଆଉଥରେ ଶୁଣିବାକୁ ଚାହିଁଲେ। ଅତି ମଧୁର ସ୍ୱରରେ କୃଷ୍ଣ ବଂଶୀ ବଜାଇଲେ। ସେହି ସ୍ୱରରେ ବିହ୍ୱଳିତ ହୋଇ ଦେବୀ ରାଧା ଏ ସଂସାରରୁ ବ୍ରହ୍ମଲୋକ ଦିଗରେ ପ୍ରସ୍ଥାନ କଲେ।

## ଔଷଧୀୟ ଗୁଣରେ ଭରପୂର ଲେମ୍ବୁ

ଆଜିକାଲିର ଖରାପ ଜୀବନଶୈଳୀ ଯୋଗୁଁ ଅଧିକାଂଶ ଲୋକ ଓଜନ ଜନିତ ସମସ୍ୟାର ଶିକାର ହୋଇଥାନ୍ତି । ଏଥିପାଇଁ ଆପଣ ଅନେକ ଡାଏଟିସିଆନ୍ ଓ



ମେଡିସନର ସାହାଯ୍ୟ ନେଇଥାନ୍ତି । କିନ୍ତୁ ଏସବୁ ନକରି ଲେମ୍ବୁ ସାହାଯ୍ୟରେ ମଧ୍ୟ ଓଜନ କମ୍ କରାଯାଇପାରିବ। ଲେମ୍ବୁ ପାଣି ଏସିଡିଟି, ପେଟ ଫୁଲିବା ପରି ସମସ୍ୟାକୁ ଭଲ କରିଥାଏ । ଆସନ୍ତୁ ଜାଣିବା ଲେମ୍ବୁ ଖାଇବା ଦ୍ୱାରା ଅନ୍ୟ କେଉଁସବୁ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିଥାଏ ।

◆ ଲେମ୍ବୁ ଶରୀରରେ ପିଏଚ ସ୍ତରକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଆଇରନ୍, ମ୍ୟାଗ୍ନେସିୟମ୍ , ଫସଫରସ୍, କଲ୍ୟାସିୟମ୍, ପୋଟାସିୟମ୍ ଓ ଜିଙ୍କ ପରି ତତ୍ତ୍ୱ ରହିଛି । ଯାହା ଶରୀରରେ ଅଲଗା ଅଲଗା ଆବଶ୍ୟକତାରୁ ପୂରଣ କରିଥାଏ ।

◆ ଲେମ୍ବୁ ପାଣି କିଡନୀ ଷ୍ଟୋନକୁ କମ୍ କରିଥାଏ । ଏଥିପାଇଁ ପ୍ରତିଦିନ ଲେମ୍ବୁ ପାଣି ପିଅନ୍ତୁ ।

◆ ଲେମ୍ବୁ ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହିତ ରୋଗ ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ ।

◆ ଲେମ୍ବୁ ଥିୟାମିନ୍, ନୟାସିନ୍, ରିବୋଫ୍ଲେବିନ୍, ଭିଟାମିନ୍ ବି ୬, ଭିଟାମିନ୍ ଇ ରହିଛି । ଯାହା କୋଷ୍ଠକାଠିନ୍ୟ, କିଡନୀ ସମସ୍ୟା, ଗଳା ଓ ପାଟି ଜନିତ ସମସ୍ୟାକୁ ଭଲ କରିଥାଏ ।

◆ ଲେମ୍ବୁ ଖାଇଲେ ରକ୍ତଚାପ ନିୟନ୍ତ୍ରଣ ହେବା ସହ ଡିପ୍ରେସନ ଦୂର ହୋଇଥାଏ ।

◆ ଲେମ୍ବୁର ନିୟମିତ ଖାଇବା ଦ୍ୱାରା ଡାଇବେଟିସ ରୋଗୀଙ୍କ ସୁଗାର ନିୟନ୍ତ୍ରିତ ହୋଇଥାଏ ।

# ପରିବାରବାଦକୁ ସମର୍ଥନ

ନଭେମ୍ବରରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହା ପୂର୍ବରୁ ଜେଏମଏମରୁ ଏଭଳି ବରିଷ୍ଠ ନେତାଙ୍କ ଇସ୍ତଫା ଦଳ ପାଇଁ ଶକ୍ତ ଧକ୍କା । ଚମ୍ପେଇ ସୋରେନ ପୁରୁଖା ନେତା ଏବଂ ସିଂହଭୂମି ଅଞ୍ଚଳରେ ତାଙ୍କର ପ୍ରଭାବ ରହିଛି । ତାଙ୍କ ଇସ୍ତଫା ସିଂହଭୂମି ଅଞ୍ଚଳରେ ଜେଏମଏମକୁ ଦୁର୍ବଳ କରିବ । ଏହାର କେତଦୂର ପ୍ରଭାବ ନିର୍ବାଚନରେ ପଡ଼ିବ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ । କିନ୍ତୁ ଏବେ ରାଜ୍ୟରେ ଜେଏମଏମ ବିରୋଧରେ ଏକ ପ୍ରକାର ଜନମତ ସୃଷ୍ଟି ହୋଇଛି । ଉଲ୍ଲେଖ ଯୋଗ୍ୟ ଯେ, ଜମି ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇ ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଜେଲ ଯାଇଥିଲେ । ସେତେବେଳେ ଚମ୍ପେଇ ସୋରେନ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୬ ମାସ ପରେ ଜୁଲାଇ ୩ରେ ସେ ଜାମିନ ପାଇ ଜେଲରୁ ମୁକୁଳିବା ପରେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେଲେ । ଫଳରେ ଚମ୍ପେଇ ସୋରେନଙ୍କୁ ଇସ୍ତଫା ଦେବାକୁ ପଡ଼ିଲା । ଏଥିରେ ସେ କ୍ଷୁବ୍ଧ ହୋଇଥିଲେ । ତେଣୁ ସମୟ ସୁବିଧା ଦେଖି ଜେଏମଏମରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହେଲେ । ବିଜେପିରେ ତାଙ୍କୁ କେତଦୂର ସମ୍ମାନ ଏବଂ ସ୍ୱୀକୃତି ମିଳିବ, ବିଧାନସଭା ନିର୍ବାଚନରେ ବିଜେପି ଜିତିଲେ ସେ ମୁଖ୍ୟମନ୍ତ୍ରୀ ହେବେ କି ନାହିଁ ତାହା ଆକଳନ କରିବା କଷ୍ଟକର । କିନ୍ତୁ ଅନ୍ତଃପକ୍ଷେ ବର୍ତ୍ତମାନ ପାଇଁ ସେ ନିଜ ରାଗ ସୁଝାଇଦେଲେ । ହେମନ୍ତ ସୋରେନ ହେଉଛନ୍ତି ଜେଏମଏମର ପ୍ରତିଷ୍ଠାତା, ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ପୁଅ । ତେଣୁ ପୈତୃକ ସମ୍ପତ୍ତି ଭଳି ଜେଏମଏମର ନେତୃତ୍ୱ ସମ୍ଭାଳିଛନ୍ତି । ଜେଏମଏମ ବିଧାୟକ ଦଳର କିଏ ନେତା ହେବ, ତାହା ସେହି ଦଳର ଆଭ୍ୟନ୍ତରୀଣ ବ୍ୟାପାର । ସେଥିରେ କେହି କିଛି ଆପତ୍ତି ବା ମନ୍ତବ୍ୟ ଦେବାର ଆବଶ୍ୟକତା ନାହିଁ । କିନ୍ତୁ ହେମନ୍ତ କେବଳ କୋର୍ଟରୁ ଜାମିନ ପାଇଛନ୍ତି । ସେ ଦୋଷମୁକ୍ତ ହୋଇ ନାହାଁନ୍ତି । କାଲି ଯଦି ସିବିଆଇ ତାଙ୍କୁ ପୁନର୍ବାର ଗିରଫ କରିବ ତେବେ ସେ କ'ଣ ପୁନର୍ବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଆଉ କାହାକୁ ଡମି ମୁଖ୍ୟମନ୍ତ୍ରୀ କରିବେ ? ଦେଶର ଅଧିକାଂଶ ଆଞ୍ଚଳିକ ଦଳ ଗୋଟିଏ ଗୋଟିଏ ପରିବାର ଦ୍ୱାରା ପରିଚାଳିତ ଏବଂ ଏହିସବୁ ଦଳର ନେତୃତ୍ୱ କେବଳ ସେହି ପରିବାରର ବ୍ୟକ୍ତି ହିଁ ନେଇପାରିବେ । ସମାଜବାଦୀ ପାର୍ଟୀ କହିଲେ ଅଖିଳେଶ ଯାଦବ, ବିଏସପି କହିଲେ ମାୟାବତୀ, ଟିଏମସି କହିଲେ ମମତା ବାନାର୍ଜୀ, ଆରଜେଡି କହିଲେ ଲାଲୁ ଯାଦବଙ୍କ ପରିବାର, ଜେଡିଏସ କହିଲେ ଦେବଗୌଡ଼ାଙ୍କ ପରିବାର, ଟିଡିପି କହିଲେ ଚନ୍ଦ୍ରବାବୁ ନାଇଡୁ, ଏନସିପି କହିଲେ ଶରଦ ପାୱାରଙ୍କ ପରିବାର, ବିଆରଏସ କହିଲେ କେ ଚନ୍ଦ୍ରଶେଖର ରାଓ, ଡିଏମକେ କହିଲେ ଏମ କେ ଷ୍ଟାଲିନ ବା କରୁଣାନିଧିଙ୍କ ପରିବାରକୁ ବୁଝାଉଛି । କଂଗ୍ରେସଠାରୁ ଏହିସବୁ ଦଳ ଏପରି ପରିବାରବାଦ ଶିଖିଛନ୍ତି । ଏଥିପାଇଁ ସେମାନଙ୍କୁ ଦୋଷ ଦେବାର ଯଥାର୍ଥତା ନାହିଁ । ଆମେ ସାଧାରଣ ମତଦାତା ମାନେ ସେମାନଙ୍କୁ ଭୋଟ ଦେଉଛୁ । ସମ୍ପୃକ୍ତ ଦଳର ପରିବାରବାଦକୁ ପରୋକ୍ଷରେ ସମର୍ଥନ କରୁଛୁ । ତେଣୁ ଭାରତୀୟ ରାଜନୀତିରେ ଏଭଳି ନୈତିକତାହୀନ ରାଜନୀତି କାୟା ବିସ୍ତାର କରିଚାଲିଛି । ଜେଏମଏମ ମଧ୍ୟ ଏହି ତାଲିକାରେ ରହିଛି । ଶିବୁ ସୋରେନ ଏହି ଦଳର ପ୍ରତିଷ୍ଠାତା । ସେ ଝାଡ଼ଖଣ୍ଡର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କ ପରେ ତାଙ୍କ ପୁଅ ହେମନ୍ତ ସୋରେନ ଦଳର ନେତୃତ୍ୱ ନେବା ସହିତ ମୁଖ୍ୟମନ୍ତ୍ରୀ ହେଲେ ।

# ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

**॥ ସୌମେନ୍ଦ୍ର ଜେନା ॥**

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ତାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍‌ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢ଼ାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ୍ୟ ମୁକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ତାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧ୍ୟରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ୍ୟ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ୍ୟ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ । ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ତାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ଚାହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢ଼ିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି । ଖୁବ୍‌କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧ୍ୟରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ତାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ତାନୀ ନେତା ପାକିସ୍ତାନକୁ ଚାଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ତାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ଚାହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ । ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ତାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନ୍ନୁ ଖାଲିସ୍ତାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ୍ୟ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଚାଲିଯାଇଛନ୍ତି । ସେ ଦୁବାଇରେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ତାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ତାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ତାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଚାଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧ୍ୟରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି, ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଚାଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ତାନ ସପକ୍ଷରେ ଗଣଭୋଟ ଜାରି ରହିଛି ।

;ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢ଼ିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି ।

# ଖୁସି, ସୁଖ ଓ ଶାନ୍ତି

**॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି । ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି । ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା । ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି । ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା । ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ । ଏହାର ମୂଲ୍ୟ ଅମୂଲ୍ୟ । ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା । ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନି । ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକୃତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।

ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧ୍ୟାତ୍ମିକ ପକ୍ଷକୁ ମଧ୍ୟ ବିକଶିତ କରିବାକୁ ହୁଏ । କାରଣ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

ସହ-ପ୍ରତିରତ୍ୱିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# କୁନି ଓଠରେ କଥା ନାହିଁ

**॥ ଡାକ୍ତର କାନ୍ତୀ ନାୟକ ॥**

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ୍ୟ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ- ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି । ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**

# ଜରାଜୀର୍ଣ୍ଣ ଅବସ୍ଥା ରେ ପ୍ରାଚୀ କୂଳ ଐତିହ୍ୟ

## ପୁନଃ ଉଦ୍ଧାର ପାଇଁ ଗବେଷକଙ୍କ ଦାବୀ

କାକଟପୁର(ମହାଭାରତ): ପ୍ରାଚୀ ନଦୀ ଉତ୍କଳୀୟ ଧର୍ମ , ସାହିତ୍ୟ , କଳା , ସ୍ଥାପତ୍ୟ , ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ସଂସ୍କୃତର ପଦ୍ମପୁରାଣ , ଠାରୁ ଆରମ୍ଭକରି ଗରୁଡ଼ପୁରାଣ , ଭବିଷ୍ୟପୁରାଣ , ଶାରଳା ମହାଭାରତ , ବ୍ରହ୍ମବୈବର୍ତ୍ତ୍ୟ, ପ୍ରାଚୀମାହାତ୍ମ୍ୟ , ଖଣ୍ଡଗିରି ଉଦୟଗିରି ହାତୀଗୁମ୍ଫା ଶିଳାଲିପି , ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଶୁନ୍ୟ ସଂହିତା ଆଦିରେ ପ୍ରାଚୀ ନଦୀର ମହନୀୟତା ଓ ନଦୀର ଦୁଇ କୂଳରେ ଥିବା ଶତାଧିକ ଦେବାଦେବୀ ମନ୍ଦିର , ଶିଳାଲିପି ଓ ତୀର୍ଥସ୍ଥଳ ଥିବାର ବିଶଦ ବର୍ଣ୍ଣନା ରହିଛି । ପ୍ରାଚୀ ଉପତ୍ୟକାରେ ଶକ୍ତି , ଶାକ୍ତ, ବୈଷ୍ଣବ , ନିରାକାର , ବୌଦ୍ଧ , ଜୈନ ଇସଲାମ , ଧର୍ମ ବିଶ୍ୱାସୀ ଓ ବିଭିନ୍ନ ରାଜବଂଶ ମାନେ ରାଜୁତି ଓ ବସବାସ କରୁଥିବା ସମୟରେ ଶହ ଶହ ସଂଖ୍ୟାରେ ମଠ ମନ୍ଦିର ଏବଂ ନାନା କୀର୍ତ୍ତିରାଜୀମାନ ଗଢିତୋଳି ଥିଲେ ବୋଲି ପ୍ରବାଦ ରହିଛି । ବହୁ କିମ୍ବଦନ୍ତୀ , ଜନଶ୍ରୁତି , ଓ ଲୋକକଥାକୁ ଆଧାରକରି ପ୍ରାଚୀନଦୀର ଦୁଇକୂଳରେ ଥିବା ଶତାଧିକ ମନ୍ଦିର ମଧ୍ୟରୁ ଅନେକ ଦେବା ଦେବୀ ମନ୍ଦିର ଓ ମଠ ପ୍ରତ□ ବିଭାଗର ଚରମ ଅବହେଳାରୁ କେତେକ ପ୍ରାଚୀନ ମଠ ମନ୍ଦିର ଗୁଡିକ ମାଟିରେ ମିଶିଯିବାକୁ ବସିଲାଣି । ଶ୍ରୀଜଗନ୍ନାଥ ସଂସ୍କୃତି ସହ ସଂପୃକ୍ତ ଥିବା ଏହି ପ୍ରାଚୀନ ମଠ ମନ୍ଦିର ଗୁଡିକୁ ଦୃଷ୍ଟି ଦିଆନଯିବା ଅତି ଦୁଃଖ ଓ ପରିତାପର ବିଷୟ ବୋଲି ବହୁ ମଠ ମନ୍ଦିରର ମଠାଧୀଶ ମାନେ ମତ ବ୍ୟକ୍ତ କରିଛନ୍ତି । ମାଧବ ଉପାସନା , ଶିବ ଉପାସନା , ମଠ ସଂସ୍କୃତି , ପ୍ରାଚୀ ସଂସ୍କୃତି , ବୈଷ୍ଣବ ଧର୍ମ , ଗୌଡିୟ ଧର୍ମ , ବୌଦ୍ଧ କୀର୍ତ୍ତି , ଜୈନ କୀର୍ତ୍ତି , ଏକାଧିକ ଯଜ୍ଞସ୍ଥଳୀର ବହୁ କାହାଣୀ ଓ କିମ୍ବଦନ୍ତୀ ର ମହନୀୟତାର ପ୍ରତିପାଦନ କରୁଥିବା ପ୍ରାଚୀ ନଦୀର ଦୁଇ ପାର୍ଶ୍ୱରେ ଦ୍ୱାଦଶ




ମାଧବ , ଦ୍ୱାଦଶ ଶମ୍ଭୁ , ଦ୍ୱାଦଶ ମଠ ,ଦ୍ୱାଦଶ ତୀର୍ଥ, ଦ୍ୱାଦଶ ଗଡ଼ ଓ ୮ ଯଜ୍ଞ ସ୍ଥଳୀ ଆଦି ବହୁ କୀର୍ତ୍ତିରାଜି ବିରାଜମାନ। ଏହାର ପୁନଃ ଉଦ୍ଧାର ଓ ରକ୍ଷଣା ବେକ୍ଷଣ ଉପରେ ସରକାର ଦୃଷ୍ଟି ଦେବା ଆବଶ୍ୟକ । କପିଳପୁର ଶାସନରେ କପିଳେଶ୍ୱର, କଣ୍ଟାପଡାରେ ଗୋକର୍ଣ୍ଣେଶ୍ୱର , ପଇଡ଼ ପାଟଣାରେ ବିଲେଶ୍ୱର , ନିଆଳୀରେ ଶୋଭନେଶ୍ୱର ଟୋଲା ଶାସନରେ ରାମେଶ୍ୱର, ପୀତାପଡାରେ ଅଙ୍ଗେଶ୍ୱର, ଗଡ଼ଅମରପ୍ରସାଦରେ,ଅମରେଶ୍ୱର ନିଉଭରଣରେ ଗ୍ରାମେଶ୍ୱର , ମୂଳାଗଡ଼ରେ ସୋମେଶ୍ୱର,ମୁଦୁଗଲରେ ସିଦ୍ଧେଶ୍ୱର, ନାଶିକେଶ୍ୱରରେ ନୃତ୍ୟେଶ୍ୱର , ଡ଼ାଲୁଅକଣିରେ ମୁକ୍ତେଶ୍ୱର ମହାଦେବ ବିରାଜମାନ। ଏହି ଦ୍ୱାଦଶଶମ୍ଭୁଙ୍କ ବିଜେସ୍ଥଳୀ ଦ୍ୱାଦଶ ତୀର୍ଥ ଭାବେ ପ୍ରସିଦ୍ଧ ଅଟେ । ସେଇଭଳି ପ୍ରାଚୀ ନଦୀ ତୀରରେ ଦ୍ୱାଦଶ ମାଧବ ଯଥା ମାଧବାନନ୍ଦ , ମା□ଣ୍ଡ ମାଧବ , ପ୍ରିୟ ମାଧବ , ସୁନ୍ଦର ମାଧବ , ଲଳିତ ମାଧବ , ନୀଳ ମାଧବ , ମୁଦୁଗଲ ମାଧବ , ଗୋମୁଖୀ କେଶବ ମାଧବ , ପାର୍ଶ୍ୱ ମାଧବ , ଧବଳ ମାଧବ , ଗୁଡ଼ ମାଧବ , ଯୁଧେଷ୍ଟି ମାଧବ ବିରାଜମାନ ।ପୁରାଣ କୁହେ ବାର ଶମ୍ଭୁଙ୍କୁ ଦର୍ଶନ କରି ସାରିବା ପରେ ବାର ମାଧବଙ୍କୁ ସାକ୍ଷୀ ଭାବେ ଦର୍ଶନ କଲେ ଅଶେଷ ପୂଣ୍ୟ ମିଳେ । ସେଇଭଳି ପ୍ରାଚୀ ନଦୀ କୂଳରେ ଅନ୍ତର୍ବେଦୀ ମଠ , ରାଧାକୃଷ୍ଣ ମଠ , ଅହ୍ମଣୀଆ ମଠ , ସିଦ୍ଧମଠ , ଗୋପାଳ ମଠ , ବିଶ୍ୱାମିତ୍ର ମଠ , ଚକିଆ ମଠ , ଦେଉଳି ମଠ , ପା□ବଟୀ ମଠ , ଅପସରା ମଠ , ଅଗିଖିଆ ମଠ , ଗୁରୁଆଖଡ଼ା ମଠ , ଅର୍କ ମଠ , ରୋହଣା ମଠ , ଅତିବଡ଼ି ମଠ , ବନ୍ତ ମଠ ଆଦି ଥିବାର ପୁରାଣରେ ବର୍ଣ୍ଣିତ ରହିଛି । ଯାହାକି ଏବେ ଏହି ମଠ ଗୁଡିକ ଉଜୁଡା କିମ୍ବଦନ୍ତୀ ଭାବେ ଦେଖିବାକୁ ମିଳୁଥିବା ବେଳେ ମଠର ବାଟି ବାଟି ସମ୍ପତ୍ତି ଏବେ ମାଫିଆଙ୍କ କବଳରେ ବୋଲି ସ୍ଥାନୀୟ ଲୋକକହିଛନ୍ତି । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ସମୟରେ ଦଇତାପତିମାନେ ଦାରୁ ସନ୍ଧାନରେ ଆସି କାକଟପୁର ମା ମଙ୍ଗଳାଙ୍କ ଆଜ୍ଞା ପାଇବାକୁ ଦେଉଳି ମଠରେ ଅବସ୍ଥାନ କରୁଥିବା ବେଳେ ମାଧବ ଗ୍ରାମର ମାଧବାନନ୍ଦ ମନ୍ଦିର ପ୍ରଭୁ ଜଗନ୍ନାଥ , ବଳଭଦ୍ର , ମା ସୁଭଦ୍ରାଙ୍କ ମାମୁଁ ଘର ବୋଲି ପ୍ରବାଦ ରହିଛି । ଏହାଛଡା କାକଟପୁର , ନିଆଳୀ, ପିତାପଡା , (ଅମରେଶ୍ୱର ), ଚଉରାଶି ଆଦି ସ୍ଥାନରେ ୮ ଗୋଟି ଯଜ୍ଞକୁଣ୍ଡର ସ୍ଥଳୀ ଥିବାର ଦେଖିବାକୁ ମିଳେ। ଏହି କୀର୍ତ୍ତିରାଜି କେତେକ ସ୍ଥାନରେ ମାଟିରେ ମିଶିଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡିରହିଛି। ଏହି ପ୍ରାଚୀନ କୀର୍ତ୍ତିରାଜିର ସବୁ ପୁନଃ ଉଦ୍ଧାର କରାଗଲେ ପର୍ଯ୍ୟଟକ ମାନଙ୍କପାଇଁ ଏହା ଏକ ଦର୍ଶନୀୟ ସ୍ଥାନପାଲଟି ଯାଆନ୍ତା ବୋଲି ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ମତ ଦେଇଛନ୍ତି।

# ହିନ୍ଦୋଳରେ ଲକ୍ଷ୍ମୀପୂଜା ନିମନ୍ତେ ପ୍ରଥମ ପ୍ରସ୍ତୁତିବୈଠକ



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ହେବାକୁ ଥିବା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତହସିଲ କାର୍ଯ୍ୟାଳୟ ମିଟିଂହଲରେ ଅନୁଷ୍ଠିତ ଏହି ପ୍ରସ୍ତୁତିବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ତଥା ଉପଖଣ୍ଡ ସୂଚନାପ୍ରସାରଣ ଅଧିକାରୀ ସୂର୍ଯ୍ୟଶଙ୍କର ଦାସ ସ୍ୱାଗତଜଣାଇ ପୂର୍ବବିବରଣୀ ପାଠ କରିଥିଲାବେଳେ ତହସିଲଦାର ଦିଲିପ ସେଠି, ବିଡ଼ିଓ ବିନିତାବିଜୟିନୀ, ଏନଏସି ନିର୍ବାହୀଅଧିକାରୀ ନିରଞ୍ଜନ ଗୁରୁ, ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାଏକ, ହିନ୍ଦୋଳ ଥାନା ଅଧିକାରିଣୀ ଚାରୁଲତା ବେହେରା, ବାଲିମି ଥାନାଧିକାରୀ, ରସୋଳ ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ସାହୁ, ବନଖଣ୍ଡ ଅଧିକାରୀ ପ୍ରସନ୍ନ ସାହୁ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପାଧ୍ୟକ୍ଷ ପ୍ରତିମା ରାଉତ, ହିନ୍ଦୋଳ ସାମ୍ବାଦିକ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଅତିରିକ୍ତ ତହସିଲଦାର, ସମସ୍ତ ଜୋନ ଅଗ୍ନିଶମ ବିଭାଗ ଅଧିକାରୀ, ବିଦ୍ୟୁତବିଭାଗ, ଆରଡି, ପିଡବ୍ଲୁଡି, ଅବକାରୀ ଇତ୍ୟାଦି ସମସ୍ତ ବିଭାଗ ଅଧିକାରୀ, ସମସ୍ତ ପୂଜାକମିଟି ସଭାପତି, ସମ୍ପାଦକ,ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ କିଭଳି ଶାନ୍ତିଶୃଙ୍ଖଳାର ସହିତ ପୂଜା ଅନୁଷ୍ଠିତ ହେବ ବିଶୃତ ଆଲୋଚନା ହୋଇଥିଲା !ସହରରେ ଆଇନଶୃଙ୍ଖଳା ପାଇଁ ପୋଲିସ ବିଭାଗ, ଅଗ୍ନି ଦୁର୍ବିପାକ ପାଇଁ ଅଗ୍ନିସମ,ମାଦକ ଦ୍ରବ୍ୟ ପାଇଁ ଅବକାରୀ ବିଭାଗ,ଗାଈଗୋରୁ ସମସ୍ୟା ଓ ଜନସ୍ୱାସ୍ଥ୍ୟ ପାଇଁ ଏନଏସି ବିଦ୍ୟୁତ ବିଭାଗ ମାନଙ୍କୁ ଅନୁରୋଧ କରାଯାଇଥିଲା । ସୁଚାରୁରୂପେ ସର୍ବସଂମତି କ୍ରମେ ଶାନ୍ତି କମିଟି ଗଠନ, କୌଣସି ଡିଜେ ନବାଯିବା, ଶାନ୍ତିଶୃଙ୍ଖଳାର ସହିତ ନଅଦିନ ବ୍ୟାପି ପୂଜାପାଳନ,ରାତି ୧୦ଟା ଭିତରେ ମୂର୍ତ୍ତି ବିସର୍ଜନ ସହ ସମସ୍ତ ସରକାରୀ ନିର୍ଦ୍ଦେଶାବଳି ଅନୁପାଳନ ସହ ଲକ୍ଷ୍ମୀପୂଜା ଅନୁଷ୍ଠିତ କରାଯିବା ନିମନ୍ତେ ନିଷ୍ପତି ନିଆଯାଇଥିଲା ।ଶେଷରେ ଏନଏସି ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିବା ସହ ସଭାସାଙ୍ଗ ହୋଇଥିଲା।

# ସୁରଭି କାର୍ଯ୍ୟକ୍ରମ ରେ ଅନିୟମିତତା ଅଭିଯୋଗ

ରାଜଗାଙ୍ଗପୁର(ମହାଭାରତ): ରାଜଗାଙ୍ଗପୁର ପୌରପାଳିକା ରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମର ସାଧାରଣଜ୍ଞାନ ପରୀକ୍ଷାରେ ଅନିୟମିତତା ହୋଇଥିବା ଅନୁଷ୍ଠିତ ଅଭିଯୋଗ ହୋଇଛି। ରାଷ୍ଟ୍ରିୟବିଦ୍ୟାଳୟ ଓ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଭିନ୍ୟ ପ୍ରକାର ପ୍ରତିଯୋଗିତା ହୋଇଥିଲା ଯଥା ସାଧାରଜ୍ଞାନ, ଡ୍ରଇଂ,ଗୀତ ,ନାଚ, ରଚନା,ବକ୍ତୃତା ଏହି ସବୁ କାର୍ଯ୍ୟକ୍ରମକୁ ନେଇ ସୁରଭି କାର୍ଯ୍ୟକ୍ରମ ଚାଲିଥାଏ। ଏଠି ବଡ଼ କଥା ହେଲା ସାଧାରଣ ଜ୍ଞାନ ପରୀକ୍ଷାରେ ସିଆରସିସି ଓ କିଛି ଶିକ୍ଷକ ଓ ଶିକ୍ଷୟତ୍ରି ପ୍ରଶ୍ନପତ୍ର କୁ ନିଜ ସ୍କୁଲ ପିଲାଙ୍କୁ ଦେଉଛନ୍ତି ବୋଲି ଆବାହକ ଓ ଛାତ୍ର ଛାତ୍ରୀ ମାନେ ଜିଲ୍ଲା ଶିକ୍ଷାଧିକାରୀ ଙ୍କୁ ଅଭିଯୋଗ କରିଛନ୍ତି।

## ଗାଁକୁ ନାହିଁ ପକ୍କା ରାସ୍ତା

# ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀକୁ ବୁହାହେଲା ଖଟିଆରେ

କୋଟଗଡ(ମହାଭାରତ)ପୁଣି ଏକ ଦୁଃଖଦ ଘଟଣା ସାମନା କୁ ଆସିଛି । ଗାଁକୁ ନାହିଁ ପକ୍କା ରାସ୍ତା ଶେଷରେ ବହୁ କଷ୍ଟରେ ଖଟିଆ ସାହାଯ୍ୟରେ ରୋଗୀକୁ ବୁହା ହେଲା ଜଣେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀ। ଏଭଳି ବିକଳ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ୍ ଅନ୍ତର୍ଗତ ଦୁର୍ଗାପାଙ୍ଗା ପଞ୍ଚାୟତ ଅନ୍ତର୍ଗତ କାଣିବାରୁ ଗାଁରେ। ସ୍ୱାଧିନତା ଦୀର୍ଘ ବର୍ଷ ବିତଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା ଟିଏ ହେବାର ସମ୍ଭବ ହୋଇନଥିବା



ରୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସି। ସୂଚନା ଥାଉ କି ଟିଭି ପରଦାରେ ଦେଖାଯାଉଥିବା ଦୃଶ୍ୟରେ ଜଣେ କାର୍ଯ୍ୟରତ ଡାକ୍ତର ମଧ୍ୟ ରୋଗୀକୁ ଖଟିଆ ସାହାଯ୍ୟରେ ବହି ନେଉଛନ୍ତି ଯେହେତୁ କିଛି ବାଟ ପରେ ଆମ୍ବୁଲାନ୍ସ ଯୋଗେ କୋଟଗଡ଼ ମେଡ଼ିକାଲ୍ ପହଞ୍ଚି ସେହି ଗୁରୁତର ରୋଗୀୟ କିଟୀ ଦିନ ହେବ କୋଟଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳର ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ସୂଚନା ରହିଥିବା ବେଳେ ସଚେତନତା ଅଭାବରୁ ଲୋକ ଆଜି ବି ପରିମଳ ଅଭାବ କାରଣରୁ ରୋଗର ଶିକାର ହେଉଛନ୍ତି ଆଉ ଗୁଣି ଗାରେଡ଼ି ଉପରେ ଭରସା କାରୁଥବା ମଧ ଜଣାପଡିଛି। ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ସମୟରେ ଏଭଳି ଦୁର୍ଗମ କୁଟିଆ ଅଞ୍ଚଳରେ ଲୋକଙ୍କୁ ସଚେତନତା କାର୍ଯ୍ୟକ୍ରମ ହେଉଥିଲେ ମଧ କୌଣସି ସୁଫଳ ମିଳିନଥିବା ଜଣାପଡିଛି।

# ମିଳିତ ଜନ ଶୁଣାଣି ଶିବିର

ବରୀ,(ମହାଭାରତ); ଆଜି ବରୀ ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଜନ ଶୁଣାଣି ଶିବିର ଅନୂଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ମୋଟ ୬୭୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ଯାହା ସୂଚନା ମିଳିଛି। ବିଗତ ଦିନରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ବିଭିନ୍ନ ସମସ୍ୟାକୁ ନେଇ ଆବେଦନ କାରି ମାନେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଏହାର ସମାଧାନ ହୋଇ ନପାରିବାରୁ ଜନ ଶୁଣାଣି ଶିବିରରେ କ୍ରମଶଃଆବେଦନକାରିଙ୍କ ସଂଖ୍ୟା ଆଜି ବୃଦ୍ଧି ପାଇଛି। ବିଶେଷ କରି ନୂଆ ସରକାର ଓ ନୂତନ ଭାବେ ଯୋଗ ଦେଇଥିନା ଜିଲ୍ଲାପାଳ , ଆରକ୍ଷୀ ଅଧକ୍ଷକ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଜନ ଶୁଣାଣି ଶିବିରରେ ଆସିଥିବା ଅଭିଯୋଗ ଗୁଡିକୁ ଗୁରୁତ୍ୱ ଦେଇ ସେ କ୍ଷେତ୍ରରେ କିଭଳି ପଦେକ୍ଷପ ନେବେ ତାହା ପ୍ରଶାସନ ର ଦକ୍ଷତା ଉପରେ ନିର୍ଭର କରିବ। ଉକ୍ତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ପି ଅନ୍ନେଷା ରେଡ୍ଡି,ଆରକ୍ଷ୍ୟ ଅଧିକ୍ଷକ ବିନୀତ ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଷକ ଅଶୋକ ବେଉରିଆ, ଅତିରିକ୍ତ ଜିଲ୍ଲାପାଳ ନବ କିଶୋର ଜେନା, ଉପଜିଲ୍ଲାପାଳ ଅଂଶୁମାନ ସତପଥୀ ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ସୁଭେନ୍ଦ୍ର ସାମଲ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ପଂଚାନନ ମଲ୍ଲିକ, ତହସିଲଦାର ସାଇ ଶ୍ରୀ ଲୋକନାଥ ସେଠି, ମୂଖ୍ୟ ଚିକିତ୍ସା ଅଧିକାରୀ ଶୁବାଶିଷ ମହାରଣା ଙ୍କ ସମେତ ଗ୍ରାମ୍ୟ ଉନ୍ନୟନ, ପୁର୍ତ ବିଭାଗ ଜଳ ସମ୍ପଦ ବିଭାଗ, ଡ୍ରେନେଜ ବିଭାଗ, ବିଦ୍ୟୁତ ବିଭାଗ, ଶିକ୍ଷା ବିଭାଗ, ଯୋଗାଣ ବିଭାଗ,ପ୍ରଣୀଧନ ଚିକିତ୍ସା ଅଧିକାରୀ ଭକ୍ତ ଚରଣ ସେଠି ଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲ୍ଲାରେ ୧୭୬ ଟି ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟନ



ନବରଙ୍ଗପୁର(ମହାଭାରତ): ଆଜି ଭାରତ ସରକାରଙ୍କର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ତରଫରୁ ପୋଷଣ ମାସ ପାଳନ ଅବସରରେ ସାରା ଦେଶରେ ୧୧,୦୦୦ ରୁ ଉର୍ଦ୍ଧ ସକ୍ଷମ ଅଙ୍ଗନବାଡି କେନ୍ଦ୍ର ଉଦ୍ଘାଟିତ ହୋଇଯାଇଛି। ଆଜି ଏହି କ୍ରମରେ ନବରଙ୍ଗପୁର ଜିଲ୍ଲାରେ ୧୭୬ ଟି ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟନ ହୋଇଯାଇଛି। ଏହି ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ର ମୁଖ୍ୟ ଉଦ୍ଦେଶ୍ୟ ପ୍ରାରମ୍ଭିକ ବାଲ୍ୟ ଅବସ୍ଥା ରେ ଯତ୍ନ ଓ ଶିକ୍ଷା, ପୋଷଣ ବାଟିକା, ଅଡିଓ ଭିଜୁଆଲ, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଶାରୀରିକ,ମାନସିକ ଓ ଭାବନାତ୍ମକ ବିକାଶ ଉପରେ ଧ୍ୟାନ ଦିଆଯାଉଛି। ଉମରକୋଟ ବ୍ଲକ ଅନ୍ତର୍ଗତ ବାଟିବେଡ଼ା ଠାରେ ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟନ କାର୍ଯ୍ୟକ୍ରମରେ ମାନ୍ୟବର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ,ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଉପସ୍ଥିତ ଜନସାଧାରଣ,ମା ଓ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ। ସେଭଳି ଡ଼ାବୁ ଗାଁ ବ୍ଲକ ଅନ୍ତର୍ଗତ ବେରିପଦର ଠାରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ସକ୍ଷମ ଅଙ୍ଗନବାଡ଼ି କୁ ଉଦ୍ଘାଟନ କରିବା ସହ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ସହ ବେଶ କିଛି ସମୟ ଅତିବାହିତ କରିଥିଲେ।

## ପାରାଦୀପ ରେ ଖୋଲାଖୋଲି ସିଆରଜେଡ ନିୟମ ଉଲଂଘନ

# ସମୁଦ୍ର କୂଳ ବାଲିରେ ଚାଲିଛି ରାସ୍ତା ନିର୍ମାଣ କାର୍ଯ୍ୟ

ପାରାଦୀପ (ମହାଭାରତ) ସରକାରୀ ନିୟମକୁ ବେଖାତିର କରି ରାସ୍ତା ନିର୍ମାଣ ପାଇଁ ଦିନ ଦ୍ୱିପ୍ରହର ରେ ଖୁଲମଖୁଲା ସିଆରଜେଡ ନିୟମ ଉଲଂଘନ କରି ରାସ୍ତା ନିର୍ମାଣ କରଯାଉଥିବା ଦୃଷ୍ଟି ଗୋଚର ହୋଇଛି । ପାରାଦୀପ ସମୁଦ୍ର କୂଳରୁ ଦୁଇଶହ ମିଟର ଭିତରେ ବାଲି ଖୋଳି ଜନୈକ ଠିକାଦାର ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହୋଇଛି । ଏହି ଘଟଣା ଦେଖିବାକୁ ମିଳିଛି ପାରାଦୀପ ଷଣ୍ଢକୁଦ ବସ୍ତି ନିକଟରେ ଚାଲିଥିବା ସି ପ୍ରୋଟେକ୍ସନ ରାସ୍ତା ନିର୍ମାଣ କାର୍ଯ୍ୟରେ ।ରାସ୍ତା ନିର୍ମାଣ ପାଇଁ ରାସ୍ତା ପାର୍ଶ୍ୱରୁ ଲୁଣାବାଲି ଖୋଳି ରାସ୍ତା ନିର୍ମାଣ କେତେ ଦୀର୍ଘସ୍ଥାୟୀ ହେବ ବୋଲି



ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି । କିଛିଦିନ ପୂର୍ବରୁ ଏହି କଣ୍ଟ୍ରାକ୍ଟର ଜଣକ କଂସାରୀପାଟିଆ ଅ□ଳ ରେ ଜଙ୍ଗଲ କାଟି ଜଙ୍ଗଲ ଭିତରୁ ବାଲି ଉଠାଇ ବିରାଟ ବିରାଟ ପୋଖରୀ ସୃଷ୍ଟି କରିଥିଲେ ।କେନ୍ଦ୍ର ସରକାରଙ୍କ ତରଫରୁ ସି ପ୍ରଟେକ୍ସନ ରାସ୍ତା ନିର୍ମାଣ ପାଇଁ ସମୁଦ୍ର କୂଳରୁ ଲୁଣବାଲି ଉଠାଇ କାର୍ଯ୍ୟ କରିବା କେତେଦୂର ଠିକ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ କଣ୍ଟ୍ରାକ୍ଟର ଜଣକ ରାସ୍ତା ପୋତିବା ପାଇଁ ଟଙ୍କା ନେଉଥିବା ବେଳେ କାହା ଇସାରାରେ ଓ କାହା ବାହୁବଳରେ ଦିନ ଦ୍ୱିପ୍ରହର ରେ ଖୁଲମଖୁଲା ସିଆରଜେଡ ଉଲଂଘନ କଣ ପ୍ରଶାସନିକ ଅଧିକାରୀ ଙ୍କ ଦୃଷ୍ଟିଗୋଚର ହେଉନାହିଁ କିମ୍ୱା ସବୁଜାଣି ନ ଜାଣିବାର ଅଭିନ। କରୁଛନ୍ତି ତାହା ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ସିଧାସଳଖ ସରକାରୀ ଆଇନ ଉଲଂଘନ କରୁଥିବା କଣ୍ଟ୍ରାକ୍ଟର ଙ୍କ ପ୍ରତି ପ୍ରଶାସନ ତରଫରୁ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାକୁ ଅପେକ୍ଷା କରିଛନ୍ତି ପାରାଦୀପ ର ବୁଦ୍ଧିଜୀବୀ ଓ ସାଧାରଣ ଜନତା।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମେଳା



କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଦର୍ଲିପଡା କ୍ଲଷ୍ଟର ଶିଶୁ ମହୋତ୍ସବ ସୁରଭି ମେଳା ସୋମବାର ବଡକେନ୍ଦୁଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସିଆରସିସି ଉମାଶଙ୍କର ସତନାମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତୁଡୁକାଠେଙ୍ଗା ସରପ□ ହରିପ୍ରିୟା ନାଗ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଉପେନ୍ଦ୍ର ସାହୁ, ସମ୍ମାନିତ ଅତିଥି ବୀର କିଶୋର ନାଗ, କୁମୁଦ ଚନ୍ଦ୍ର ଚଣ୍ଡି, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଲିଙ୍ଗରାଜ ନାଏକ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ପ୍ରଦାନ କରାଯାଇଥିଲାୟ ଶିକ୍ଷକ ସୁବାସ ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଜୁ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶରତ ପୂଜାରୀ, ପ୍ରଭାକର ସାହୁ, କପିଲ ଶବର, କମଲ ଲୋଚନ ଖମାରୀ, ବିଜୟ ମାଝୀ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ନର୍ଲା ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



କଳାହାଣ୍ଡି/ମହାଭାରତ : ଭବାନୀପାଟଣା : ଆଜି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୪ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୩୦ ଗୋଟି ରହିଥିବା ବେଳେ ଦଳଗତ ୧୪ ଜଣଙ୍କର ରହିଥିଲା । ଶିବିରରେ ୭ ଗୋଟି ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା । ସମସ୍ତଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଶୁଣାଣୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ି ଙ୍କ ସମେତ ସି.ଡି.ଏମ.ଓ ,ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ , ବ୍ଲକ ଅଧ୍ୟକ୍ଷ, ବି.ଡି.ଓ., ତହସିଲଦାର, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ବୟଂ ସଂକଳ୍ପ ସେବାଅନୁଷ୍ଠାନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଖଜୁରିଆକଟା ଅଞ୍ଚଳର ସ୍ୱେଚ୍ଛା ସେବୀ ଅନୁଷ୍ଠାନ ସ୍ୱୟଂ ସଂକଳ୍ପ ସେବା ସଂଗଠନ ତରଫରୁ ରଞ୍ଜୀଗୋଳ ଗ୍ରାମ ପଞ୍ଚାୟତର ଖଜୁରିଆ ଗ୍ରାମର ପୋଖରୀ ହୁଡା, ରାସ୍ତାପାର୍ଶ୍ୱ ଏବଂ ଗ୍ରାମ ଦେବୀ ପୀଠ ଠାରେ ବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱୟଂ ସଂକଳ୍ପ ସେବା ସଂଗଠନର କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ପ୍ରାୟ ୨୫୦ ରୁ ଉର୍ଦ୍ଧ ବୃକ୍ଷ ରୋପଣ କରାଯାଇଥିଲା। ସଙ୍ଗଠନର ପ୍ରତିନିଧି କ୍ଷିରୋଦ ସାହୁ, ସୁବାସ ଚନ୍ଦ୍ର ପ୍ରଧାନ ଓ ସଭାପତି ପ୍ରକାଶ ଚନ୍ଦ୍ର ସାହୁ ବୃକ୍ଷ ଲଗାନ୍ତୁ ପରିବେଶ ବଞ୍ଚାନ୍ତୁ ନାରା ଦେଇ ଗ୍ରାମବାସୀଙ୍କୁ ସଂଦେଶ ଦେଇଥିଲେ। ଆଗକୁ ଏଭଳି କାର୍ଯ୍ୟ ଜାରି ରହିବ ବୋଲି ସମ୍ପାଦକ ସୁମନ୍ତ ସାହୁ ମତ ରଖିଛନ୍ତି।

## ତିନିମାସ ଧରି ଖଣିଜ ପରିବହନ କରିବାକୁ ଦେଉ ନାହାନ୍ତି ଆନ୍ଦୋଳନକାରୀ

ଯୋଡ଼ା : (ମହାଭାରତ ) : ଆଜିକୁ ପ୍ରାୟ ତିନିମାସ ଧରି ଖଣିଜ ପରିବହନ କରିବାକୁ ଦେଉ ନାହାନ୍ତି ଆନ୍ଦୋଳନକାରୀ । ଯାହା ଫଳରେ କମ୍ପାନୀ ସମେତ ସରକାର ମଧ ହରାଉଛନ୍ତି ରାଜସ୍ୱ । ମାନ୍ୟବର କୋର୍ଟଙ୍କ ଆଦେଶକୁ ଖାତିର କରୁନି ପୁଲିସ କିମ୍ବା ସ୍ଥାନୀୟ ପ୍ରଶାସନ । ଆମେ କହୁଛୁ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଟଟେ। ଗ୍ରାମରେ ଅବସ୍ଥିତ ନର୍ଭେରାମ ପାଓ୍ୱାର ଏଣ୍ଡ ଷ୍ଟିଲ କମ୍ପାନୀ ରୋଇଡ଼ା - ୨ ଖଣି କଥା । ଗତ ଜୁଲାଇ ୨୬ ତାରିଖରୁ ଉକ୍ତ ଖଣିରେ କିଛି ସ୍ଥାନୀୟ ଲୋକ ୫ ଦଫା ଦାବି ନେଇ ଆନ୍ଦୋଳନ କରି ଆସୁଛନ୍ତି ।କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାଇବାକୁ ଅନେକ ଚେଷ୍ଟା କରି ବିଫଳ ହେବା ପରେ ଚମ୍ପୁଆ ସିଭିଲ କୋର୍ଟର ଆଶ୍ରୟ ନେଇଥିଲେ ।ମାନ୍ୟବର କୋର୍ଟ କମ୍ପାନୀର କୌଣସି କାର୍ଯ୍ୟରେ ହସ୍ତକ୍ଷେପ ନକରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏମିତିକି ଏହାର କପି କେନ୍ଦୁଝର ଜିଲ୍ଲାପାଳ , ଆରକ୍ଷୀ ଅଧିକ୍ଷକ , ଉପଜିଲ୍ଲାପାଳ , ବଡ଼ବିଲ ତହସିଲଦାର , ବଡ଼ବିଲ ଉପଖଣ୍ଡ ଅଧିକାରୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି । କିନ୍ତୁ କମ୍ପାନୀ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଭାଇଚାରା ବଜାୟ ରଖି ଖଣି କାର୍ଯ୍ୟ କରିବାକୁ ଯାଇ କିଛିଦିନ ପୂର୍ବରୁ ଆନ୍ଦୋଳନକାରୀ ମାନଙ୍କୁ କମ୍ପାନୀ ମୁଖ୍ୟ କାର୍ଯ୍ୟାଳୟ କଲିକତାକୁ ଡାକିଥିଲା ।ସେଠାରେ ଆନ୍ଦୋଳନକାରୀ ମାନଙ୍କ ସହିତ ଆଲୋଚନା ପରେ କମ୍ପାନୀ ସେମାନଙ୍କର ଦାବି ଗୁଡିକୁ ମାନି ନେଇଥିଲା ଏବଂ ଖଣି କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିବାକୁ ଅନୁରୋଧ କରିଥିଲା । ସେଠାରୁ ଆସିବା ପରେ ଆନ୍ଦୋଳନକାରୀ ମାନେ ଅନୈତିକ ଭାବେ ଟନ ପିଛା ୨୦ ଟଙ୍କା ଦାଦା ବଟି ଦେବାକୁ ଦାବି କରି କମ୍ପାନୀର ପରିବହନ ଗେଟ ପାଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଫଳରେ କମ୍ପାନୀ ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପୁଲିସକୁ ଅବଗତ କରାଇଥିଲେ ମଧ ପୋଲିସ କିମ୍ବା



ପ୍ରଶାସନ ସହଯୋଗ ନକରିବାରୁ ଖଣିଜ ପରିବହନ ସମ୍ପୁର୍ଣ୍ଣ ବନ୍ଦ ରହିଛି । ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖଣି ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ କହୁଥିବା ବେଳେ ତାଙ୍କ ନିଜ ଜିଲ୍ଲାରେ ଏଭଳି ଅନୈତିକ କାର୍ଯ୍ୟକୁ କିଭଳି ପ୍ରଶ୍ରୟ ଦିଆ ଯାଉଛି ବୋଲି ବୁଦ୍ଧିଯିବି ପ୍ରଶ୍ନ କରିଛନ୍ତି । ଉକ୍ତ ଖଣିରେ ଏଭଳି ଅବ୍ୟବସ୍ଥା ତଥା ଆନ୍ଦୋଳନ ଚାଲୁ ରହିଲେ ଯଦି ପୁଲିସ ପ୍ରଶାସନ ସହଯୋଗ ନକରନ୍ତି କମ୍ପାନୀ ବାଧହୋଇ ଉକ୍ତ ଖଣିଟିକୁ ସରକାରଙ୍କୁ ଫେରାଇ ଦେବାକୁ ଯୋଜନା କରୁଥିବା ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏଠାରେ ପ୍ରକାଶ ଥାଉକି କମ୍ପାନୀ ୭୫୦ ଟି.ପି.ଏଚ କ୍ଷମତା ବିଶିଷ୍ଟ ଏକ କ୍ରସର୍ କମ୍ପାନୀ ପରିସରରେ ସ୍ଥାପନା କରିଥିଲେ । ଯେଉଁଥିରେ ଶତାଧିକ ଲୋକେ କାମ କରି ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତେ। ମାତ୍ର ପରିତାପର ବିଷୟ ଉକ୍ତ କ୍ରସର ନିମନ୍ତେ ଆବଶ୍ୟକୀୟ ବିଦ୍ୟୁ ଗ୍ରାମବାସୀଙ୍କ ବିରୋଧ ପାଇଁ ସଂଯୋଗ ହେଇ ପାରି ନଥିଲା । ଯାହା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯିବାରୁ କମ୍ପାନୀ ଉକ୍ତ କ୍ରସର ଟିକୁ କମ୍ପାନୀ କାଟି ବିକ୍ରି କରୁଛି । ଏହି କ୍ରସର ପାଇଁ ନିଯୁକ୍ତ ଶତାଧିକ କର୍ମଚାରିଙ୍କ ଭବିଷ୍ୟତ ଏବେ ଅନ୍ଧାରରେ ବୋଲି ଜଣାପଡିଛି । ଏ ସମ୍ପର୍କରେ ଟ□। ଗ୍ରାମବାସୀ କହନ୍ତି କମ୍ପାନୀ ଖଣିଟିକୁ ସରକାରଙ୍କୁ ଫେରାଇଦେଲେ ଆମେ ଭୋକ ଉପାସରେ ମରିଯିବୁ । କମ୍ପାନୀ ଆମ ପିଲାମାନଙ୍କୁ ପାଠପଢ଼ା ଠାରୁ ଆରମ୍ଭ କରି ସମସ୍ତ ମୌଳିକ ସୁବିଧା ଯୋଗାଇ ଆସିଛି। କିଛି ଲୋକ ନିଜର ସ୍ୱାର୍ଥ ସାଧନ କରିବାକୁ କମ୍ପାନୀକୁ ବିରୋଧ କରୁଛନ୍ତି ଯାହା ଫଳରେ ଆମେ ଆମର ଭାତହାଣ୍ଡି ହରାଇବାକୁ ବସିଛୁ ।

## ଆଶା ଓ ଆକାଂକ୍ଷା ଭିତରେ ନୂତନ ଥାନା ଭବିଷ୍ୟତ

ଅସ୍ତରଙ୍ଗ,ମହାଭାରତ: ରାଜ୍ୟ ରେ ଆଇନଶୃଙ୍ଖଳା ପରିସ୍ଥିତି କୁ ଜାଗ୍ରତ ପ୍ରହରୀ ହୋଇ ସଦା ସର୍ବଦା ନିୟନ୍ତ୍ରଣ ରେ ରଖୁଥିବା ଆରକ୍ଷୀ ବନ୍ଧୁ ମାନଙ୍କୁ ସୁରକ୍ଷିତ ରଖିବା ଆଉ ସେମାନଙ୍କ ହିତ ପାଇଁ ଅତ୍ୟାଧୁନିକ ଥାନା ନିର୍ମାଣ ପ୍ରକଳ୍ପ ରାଜ୍ୟ ସରକାର ଙ୍କ ତତ୍ୱାବୋଧନ ରେ ହୋଇଛି, ପୁରୀ ଜିଲ୍ଲା କାକଟପୁର ଠାରେ ନୂତନ ଥାନା ନିର୍ମାଣ ସରି ଉଦ୍ଘାଟନ ହୋଇ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଅସ୍ତରଙ୍ଗ ରେ ଅନେକ ଦିନ ହେବ ନୂତନ ଥାନା ନିର୍ମାଣ ସରିଥିଲେ ବି ଏଯାଏ ଏହି ଥାନା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲ ରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରାତନ ଥାନା ଏକ ସଂକୀର୍ଣ୍ଣ ସ୍ଥାନ ରେ ଚାଲିଥିବା ବେଳେ ଏଠି ଆରକ୍ଷୀ କର୍ମୀ ମୁକ୍ତ ଭାବେ କାର୍ଯ୍ୟ କରିପାରୁନାହାନ୍ତି ଯାହା ଅନେକ ସମୟ ରେ ଦୃଷ୍ଟି ଗୋଚର ହୋଇଛି। ଏହି ଥାନା ଚତୁଃପାର୍ଶ୍ୱ ରେ ଅଳିଆ ଆବର୍ଜନା ଜମିରହିଛି ।। ଅନେକ ସମୟ ରେ ଅନେକ ବିଷଧର ସର୍ପ ମଧ ଥାନା



ଭିତରେ ପଶି ସଙ୍କଟମୟ ପରିସ୍ଥିତି ସୃଷ୍ଟି କରିବା ନଜର ରହିଛି। କିଛି ମାସ ତଳେ ଏତଲା ଦେବାକୁ ଆସିଥିବା ମହିଳା ଙ୍କ ଛୋଟ ଶିଶୁପୁତ୍ର କୁ ଏକ ବିଷଧର ସାପ କାମୁଡିବା ଅଭିଯୋଗ ଉଠିଥିଲା, ଗାଡ଼ି ପାର୍କିଂ, ବିଭିନ୍ନ ଆଇନଗତ ସେବା ପାଇବା ଲକ୍ଷ ରେ ଆସୁଥିବା ବ୍ୟକ୍ତି ସବୁବେଳେ ଅସୁବିଧା ର ସମ୍ମୁଖୀନ ହେଉଥିବା ବେଳେ ମହିଳା ମାନଙ୍କ ପାଇଁ ନାହି ସ୍ୱତନ୍ତ୍ର କକ୍ଷ, ଜବତ ହେଉଥିବା ବେଆଇନ ଗାଡ଼ି ଗୁଡିକୁ ଥାନା ଭିତରେ ଏଭଳି ରଖାଯାଇଛି ଦୂରରୁ ଏହା କବାଡିଆ ଗୋଦାମ ଭଳି ଦୃଶ୍ୟ ହେଉଛି। ଯାହାକୁ ନେଇ ଅସ୍ତରଙ୍ଗ ଥାନା ପରିସର ଏବେ ଭୁତ ଖାନା ଭଳି ଦୃଶ୍ୟ ହେଉଛି। କିନ୍ତୁ ହାଉସିଂ ବୋର୍ଡ ଅଧୀନରେ ଲକ୍ଷାଧିକ ଟଙ୍କା ବିନିମୟ ରେ ହୋଇଥିବା ନୂତନ ଥାନା କଣ ପାଇଁ ଉଦ୍ଘାଟନ ହେଉନାହିଁ ତାହା ଏବେ ବୁଦ୍ଧିଜୀବୀ ଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିବା ବେଳେ ଅନେକ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ମାନେ ଏହି ଥାନା କୁ ତୁରନ୍ତ ଉଦ୍ଘାଟନ କରିବା ସହ କାର୍ଯ୍ୟକ୍ଷମ କରିବା ପାଇଁ ଦାବୀ କରିଛନ୍ତି ।

## ୪ ଖଣ୍ଡଶାଳ ଗଣ୍ଡି ଜବତ,ଘଟଣାରେ ୪ ଅଟୋ ତଦନ୍ତ ଜାରି



କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଭାଲୁଘୋରା ଗ୍ରାମ ନିକଟରୁ ରବିବାର ଦିନ ବନ ବିଭାଗ ଚଢ଼ାଉ କରି ୪ ଖଣ୍ଡ ଶାଳ ଗଣ୍ଡି ଜବତ କରିବା ସହ କରତ , କୁରାଢୀ ଓ ଘଟଣା ରେ ସଂପୃକ୍ତ ୪ ଜଣକୁ ଅଟୋକରଖି ତଦନ୍ତ କରିଛି ବନବିଭାଗ। ବନ ବିଭାଗ ଠାରୁ ମିଳିଥିବା ସୂଚନା ଅନୁଯାୟୀ ତରାମରା ପଞ୍ଚାୟତ ଭାଲୁଘରା ଗାଁ ଜଙ୍ଗଲ କିସମ (୧ ) ନିକଟରୁ ଗୋଟିଏ ଶୁଖିଲା ଶାଳ ଗଛ କାଟି ଥିବା ବେଳେ କିଛି ଦିନ ପୂର୍ବରୁ ଝାଡ଼ଖଣ୍ଡ ରାଜ୍ୟ ରୁ ଆସି ଠାକୁରମୁଣ୍ଡା ଅଞ୍ଚଳ ରେ ରହି ଚାରି ଜଣଲୋକ କାଠ ଚିରି ବିକ୍ରି କରୁଥିବ ଅଭିଯୋଗରେ ୪ ଜଣ କୁ ଅଟୋକ ରଖିଥିଲା ବେଳେ ଠାକୁରମୁଣ୍ଡା ରେଞ୍ଜ କେସ୍ ନଂ ୭୧/ ୨୦୨୪-୨୫ ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଭାଲୁଘରା ଗ୍ରାମ ନିକଟ ଜଙ୍ଗଲ ରୁ ଶାଳ ଗଛ କାଟିଥିବା ର ଖବର ପାଇ ଠାକୁରମୁଣ୍ଡା ରେଞ୍ଜର କିଶୋର କୁମାର ପାଣିଗ୍ରାହୀ, ବନପାଳ ବିଦ୍ୟାଧର ମହାନ୍ତ,ଚନ୍ଦ୍ରଭାନୁ ମହାନ୍ତ ଓ ବନକର୍ମଚାରୀ ଉପସ୍ଥିତ ଥିଲେ।

## ଡ଼ାବୁଗାଁ ଠାରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର (ନିପ୍ର): ଆଜି ଡ଼ାବୁ ଗାଁ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସି ଡି ଓ ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ ମିଶ୍ର , ବ୍ଲକ ଅଧକ୍ଷା ଶ୍ରୀମତୀ ବୀଣା ମାଝୀ ,ବି ଡି ଓ ଡ଼ାବୁ ଗାଁ ଶରତ ମାଝୀ,ଡି ଏସ ଏସ ଓ ସୁଧାଂଶୁ ପାତ୍ର ଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୬ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ୪ଜଣଙ୍କୁ ହୁଇଲ ଚେୟାର, ୧ଜଣଙ୍କୁ ଟ୍ରାଇ ସାଇକଲ ଏବଂ ୮ ଜଣଙ୍କୁ ନୂତନ ଭାବେ ଅନ୍ତର୍ଭୁକ୍ତ ମଧୁବାବୁ ପେନସନ ଯୋଜନା ର ସହାୟତା ପ୍ରଦାନ କରାଗଲା।

## ବାଇକ ଉପରେ ଚଢିଗଲା ଟ୍ରାକ୍ଟର, ୨ ମୃତ

କପ୍ତିପଦା -(ମହାଭାରତ ):କପ୍ତିପଦା - ବାଇକ କୁ ମୁହାଁମୁହିଁ ବାଡେଇଲା, ତା ପରେ ବାଇକ ଉପରେ ଚଢିଗଲା ଟ୍ରାକ୍ଟର। ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ। ଏଭଳି ଘଟଣା ଘଟିଛି ଉଦଳା ଥାନା କୁଟଲିଂ ରାଇସ ମିଲ ଛକରେ। କୁଟଲିଂ ଗ୍ରାମ ଭିତରୁ ଏକ ଟ୍ରାକ୍ଟର ଇଟା ବୋଝେଇ କରି ବହୁବନ୍ଧ ଗ୍ରାମ ଅଭିମୁଖେ ଯାଉଥିଲା, ବିପରୀତ ଦିଗରୁ ବାଇକରେ ଦୁଇ ଜଣ ଯୁବକ ନିଜ ଗ୍ରାମ କୁଟଲିଂ କୁ ଫେରୁଥିଲେ। ହେଲେ ରାଇସ ମିଲ ଛକ ନିକଟରେ ବାଇକକୁ ଅତି ବେପରୁଆ ଭାବେ ଦ୍ରୁତଗତିରେ ଯାଇ ମୁହାଁମୁହିଁ ଧକ୍କା ଦେଇଥିଲା ଟ୍ରାକ୍ଟରୟ ଧକ୍କା ଦେବା ପରେ ଉକ୍ତ ବାଇକ ଉପରେ ଚଢି ଯାଇଥିଲା ଟ୍ରାକ୍ଟର, ଯାହା ଫଳରେ ଘଟଣାସ୍ଥଳରେ ବାଇକରେ ଥିବା ଦୁଇ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ଟ୍ରାକ୍ଟର ଟି ରାସ୍ତା ପାର୍ଶ୍ୱ କୁ ଓଲଟି ପଡିଥିଲା। ମୃତକ ଦୁଇ ଜଣ ହେଲେ କୁଟଲିଂ ଗ୍ରାମର ଭାଦ ହେମ୍ବ୍ରମ ଓ ରାମେଶ୍ୱର ହେମ୍ବ୍ରମ। ଦୁର୍ଘଟଣା ଘଟାଇବା ପରେ ଟ୍ରାକ୍ଟର ଡ୍ରାଇଭର ସମେତ ଟ୍ରାକ୍ଟରରେ ଥିବା ଅନ୍ୟ ଦୁଇ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ହେଲେ ଟ୍ରାକ୍ଟର ହେଲ୍ପରକୁ ଗ୍ରାମବାସୀ ଅଟକ ରଖିଛନ୍ତି। ଖବର ପାଇ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଦୁଇ ମୃତଦେହ ଜବତ କରିଛି। ଏହି ଘଟଣା କୁ ନେଇ କିଛି ସମୟ ପାଇଁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା।

## ଘାଟି ରାସ୍ତାରୁ ଯୁବକଙ୍କ କ୍ଷତ ବିକ୍ଷତ ମୃତ ଦେହ ଉଦ୍ଧାର

କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଡାଙ୍ଗାଣାମୁ ଗାଁ ନିକଟରେ ଥିବା ଘାଟି ରାସ୍ତା ପାର୍ଶ୍ୱରେ ଥିବା ଜଙ୍ଗଲ ରୁ ଜଣେ ଯୁବକଙ୍କ ମୃତ ଦେହକୁ ପୋଲିସ ଉଦ୍ଧାର କରିଛି ଓ ମୃତ ଯୁବକ ଜଣକ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବେହେରାପଡ଼ା ଗାଁ ର ବାଲ୍ମୀକି ବଣ୍ଡକି ଙ୍କ ପୁଅ ଜ୍ୟୋଷ୍ଣ ବଣ୍ଡକି (୩୪) ବୋଲି ଜଣା ପଡିଛି । ତେବେ ମୃତକ ଙ୍କ ପରିବାର ଲୋକଙ୍କ ଅଭଯୋଗ ଅନୁସାରେ ମୃତ ଯୁବକ ଏବଂ କଣ୍ଟାମାଳ ଥାନା ମାରଡୁଲ ଗ୍ରାମର ଦାସିରି ଦିଗାଲ ନାମକ ଅନ୍ୟଜଣେ ଯୁବକ ଙ୍କ ସହ ମିସି ଗୋଛାପଡା ଅଧୀନରେ ଥିବା ତେତିଲିପଡ଼ା ଗାଁକୁ କୌଣସି କାମରେ ଆସି ଅପରାହ୍ନ ବାରଟା ସମୟରେ ନିଜ ଗାଁକୁ ଫେରୁଥିବା ବେଳେ ଡାଙ୍ଗାଣାମୁ ଘାଟି ନିକଟରେ ଏକ ଧଳାରଙ୍ଗର ବୋଲେରୋ ରେ ଚାରି ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇ ଆକ୍ରମଣ କରିଥିଲେ ଓ ଆକ୍ରମଣ କାରୀଙ୍କ କବଳରୁ ଦାସିରି ଡିଗାଲ କୌଶଳ କ୍ରମେ ଖସିଯାଇଥିବା ବେଳେ ମୃତ ବ୍ୟକ୍ତି ଙ୍କୁ ଆକ୍ରମଣ କାରି ମାନେ ସାଙ୍ଗରେ ନେଇଯାଇଥିବା ପରିବାର ଲୋକେ ସନ୍ଦେହ କରୁଥିଲେ । ଅନ୍ୟପଟେ ଆକ୍ରମଣ କାରୀମାନେ ପୋଲିସ କର୍ମଚାରୀ ବୋଲି ପରିବାର ଲୋକେ ସନ୍ଦେହ କରୁଥିବା ବେଳେ। ଅନ୍ୟପଟେ ମୃତ ଯୁବକଙ୍କୁ ପରିବାର ଲୋକେ ବହୁତ ଖୋଜାଖୋଜି ମଧ୍ୟ କରୁଥିବା ସମୟରେ ଡ଼ଙ୍ଗାଣାମୁ ନିକଟରେ ଯୁବକ ଙ୍କ ମୃତ ଦେହ ପଡ଼ିଥିବା ଖବର ପାଇଥିଲେ। ସେପଟେ ମୃତକ ଜଣକ ଧରିଥିବା ବାଇକ ଯାହାର ନମ୍ବର ଓଡି୩୧ଜି୬୫୩୦ ରହିଛି ସେହି ବାଇକ ତି ବର୍ତ୍ତମନ ଗୋଛାପଡା ଥାନାରେ ଥିବା ଜଣାପଡିଛି । ଅନ୍ୟପଟେ ଯୁବକଙ୍କ ମୃତୁ କୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନଥିବ ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭଯୋଗ ଆଣିଛନ୍ତି। ସେପଟେ ମୃତକ ଙ୍କ ବାଇକ ଥାନାରେ ଥିବାରୁ ଘଟଣା କୁ ନେଇ ଗୋଛାପଡା ପୋଲିସ ର କାର୍ଯ୍ୟକଳାପ ସନ୍ଦେହ ଘେରରେ ଥିବା ବେଳେ ଯୁବକ ଜଣକ ଙ୍କ ମୃତ ଦେହ କିଭଳି ଭାବରେ ରାସ୍ତା କଡରେ ପଡିଲା ଓ ଯୁବକ ଙ୍କ ବାଇକ କିଏ ଓ କିଭଳି ଅବସ୍ଥାରେ ଥାନାକୁ ଆଣିଲା ତାକୁ ନେଇ ଏବେ ଗୋଛାପଡା ଅଂଚଳରେ ଆଲୋଚନା ପର୍ଯ୍ୟାଲୋଚନା ଲାଗିରହିଛି । ତେବେ ଘଟଣାକୁ ସହଜରେ ପରିବାର ଲୋକ ଗ୍ରହଣ କରିପାରୁନଥିବା ବେଳେ ଗଞ୍ଜେଇ ଧରିବା ନାରେ ଯୁବକଙ୍କୁ ପୋଲିସ ହତ୍ୟା କରିଥିବା ନେଇ ପୋଲିସ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି ମୃତକଙ୍କ ପରିବାର ଲୋକେ ଓ ଅନ୍ୟପଟେ ଘଟଣାର ଦୀର୍ଘ ଚୋବିଷ ଘଣ୍ଟା ପରେ ଘଟଣା ସ୍ଥଳରୁ ଶବ କଡାସୁରକ୍ଷା ରେ ପୋଲିସ ବ୍ୟବଚ୍ଛେଦ ପାଇଁ ପଠେଇ ଥିବା ବେଳେ ଘଟଣା କୁ ନେଇ ଦିନତମାମ ଉତ୍ତେଜନା ଲାଗିରହିଥିଲା ଓ ମୃତକଙ୍କ ପରିବାର ଓ ସମ୍ପର୍କୀୟ ଙ୍କ ସହ କଣ୍ଟାମାଳ ଅଂଚଳର ଶତାଧିକ ଲୋକ ନ୍ୟାୟ ଦାବିରେ ଥାନା ଘେରାଉ କରିଥିଲେ । ଘଟଣା କୁ ଗୁରୁତର ସହ ଗ୍ରହଣ କରି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ନିଜେ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ କମଳ ଲୋଚନ ପଣ୍ଡା ନାମକ ଜଣେ ଡ଼ିଏସପି ଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା ବେଳେ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭଲଭଦ୍ର ଦୀପ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସେପଟେ ମୃତ ଯୁବକ ଜଣକ ଘରର ଏକମାତ୍ର ରୋଜଗାର କ୍ଷମ ହୋଇଥିବା ବେଳେ ତାଙ୍କର ଦୁଇଟି ଛୋଟଛୋଟ ପୁଅ ଅଛନ୍ତି। ଯାହାପାଇଁ ଆନ୍ଦୋଳନ କାରି ମାନେ ତାଙ୍କର ପରିବାର ପରିପୋଷଣ ପାଇଁ କୋଡିଏ ଲକ୍ଷ୍ୟ ଟଙ୍କା କ୍ଷତିପୂରଣ ଦାବି କରିଥିବା ବେଳେ ମୃତକଙ୍କ ପରିବାର କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଥିଲେ ଓ ସେପଟେ ଆଇନ ଶୃଙ୍ଖଳା ପରିସ୍ଥିତି କୁ ଆଖିଆଗରେ ରଖି ଗୋଛାପଡା ରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ବ୍ଲକ ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ରାଇରଙ୍ଗପୁର(ମହାଭାରତ): ଆଜି କୁସୁମୀ ବ୍ଲକର ବାଦାମପାହାଡ଼ ଠାରେ ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସଏ,ଭା. ପ୍ର. ସେ.ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପଜିଲ୍ଲାପାଳ ଶ୍ରୀ ସୌମ୍ୟରଞ୍ଜନ ପ୍ରଧାନ, ଭା.ପ୍ର.ସେ.,ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ଏସ.ସୁଶ୍ରୀ,ଭା. ପୋ.ସେ.,ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର,ଓ.ପ୍ର.ସେ.,କୁସୁମୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସ୍ୱାଦିଶ ଟପ୍ପୋ,ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳାନନ୍ଦ ସାହୁ ଓ ରାଇରଙ୍ଗପୁର ଆଇ ଟି ଡି ଏ ର ପ୍ରକଳ୍ପ ପ୍ରଶାସକ ଶ୍ରୀ ପରୀକ୍ଷୀତ ଦାଶ ପ୍ରମୁଖ ଯୋଗ ଦେଇଥିଲେ .ପ୍ରାରମ୍ଭ ରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୭୩ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୫୧ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୨ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ଆପତ୍ତି ଅଭିଯୋଗ ର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ଟ. ୨୦୦୦/- ଟଙ୍କା ମଂଜୁର କରିଥିଲେ ଏବଂ ୨ ଗୋଟି ଅଭିଯୋଗ ର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟା ରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ.ଏହି ଅବସରରେ ମଧୁବାବୁ ପେନସନ ଯୋଜନା ର କିଛି ହିତାଧିକାରୀ ଙ୍କୁ ସେମାନଙ୍କ କାର୍ଡ ବଣ୍ଟନ କରାଯାଇଥିଲା। ଅନୁଷ୍ଠିତ ଉକ୍ତ ଶିବିର ରେ କୁସୁମୀ ବ୍ଲକ ଅଧିନସ୍ଥ ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସମେତ ବାମନଘାଟି ଉପଖଣ୍ଡ ର ବିଭିନ୍ନ ଉପଖଣ୍ଡ ସ୍ତରୀୟ ପଦାଧିକାରୀ ଓ ଲାଇନ ବିଭାଗ ର ଅଧିକାରୀ ଉପସ୍ଥିତ ଥିବା ବେଳେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ଓ କୁସୁମୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର ପରିଚାଳନା କରାଯାଇଥିଲା।



## ଡୁମେରଜୋର ଗ୍ରାମରେ ୬ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ, ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ

ଖଡ଼ିଆଲ:(ମହାଭାରତ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କେନ୍ଦୁପାଟି ପଞ୍ଚାୟତର ଡୁମେରଜୋର ଗ୍ରାମରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବା ବେଳେ ପିଇବା ପାଣି ପାଇଁ ନାନା ଅସୁବିଧା ଭୋଗ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀ ବିଡ଼ିଓ, ଜିଲ୍ଲାପାଳ, ବିଧାୟକ, ବ୍ଲକ ଅଧକ୍ଷା ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗଙ୍କୁ ଜଣାଇ ଆସୁଥିଲେ ମଧ ପାନୀୟ ଜଳର ସମସ୍ୟାର ସମାଧାନ ହୋଇପାରିନାହିଁ। ସୂଚନା ଅନୁସାରେ ଗ୍ରାମକୁ ବସୁଧା ଯୋଜନାରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଥିଲା। ହେଲେ ଗତ ୬ ମାସ ହେବ ପାନୀୟ ଜଳ ଯୋଗାଣ ହେଉନାହିଁ। ପାନୀୟ ଜଳ ଯୋଗାଣ କରୁଥିବା ପମ୍ପ କର୍ମଚାରୀଙ୍କୁ ତାଙ୍କର ଦରମା ପ୍ରଦାନ କରାଯାଇନଥିବାରୁ ସେ ପାନୀୟ ଜଳ ଯୋଗାଣ ବନ୍ଦ କରିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ପାନୀୟ ଜଳ ଯୋଗାଣ ହେଉନଥିବାରୁ ଗ୍ରାମବାସୀ ୩ କିଲୋମିଟର ଦୂରକୁ



ଯାଇ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଗ୍ରାମରେ ୨୪୦ ପରିବାର ବାସ କରୁଛନ୍ତି। ଗ୍ରାମରେ ୩ ଟି ନଳକୂପ ରହିଥିବା ବେଳେ ମାତ୍ରାଧିକ ଫ୍ଲୋରାଇଡ ଯୋଗୁଁ ନଳକୂପର ପାଣି ବ୍ୟବହାର କରାଯାଉନାହିଁ। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଗ୍ରାମକୁ ଅତିଶିଘ୍ର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ନଚେତ ଆସନ୍ତାଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଡୁମେରଯୋର ଗ୍ରାମବାସୀ ଚେତାବନୀ ଦେଇଛନ୍ତ।

## ବାଣପୁର ବ୍ଲକରେ ପୋକ୍ସୋ ଆଇନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ବାଣପୁର :( ମହାଭାରତ )ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବ୍ଲକ ସଭାଗୃହରେ ପୋକ୍ସୋ ଆଇନ ଏବଂ ଉକ୍ତ ଆଇନ ଅଧୀନ ମହିଳା ପୀଡ଼ିତାଙ୍କ ନିମନ୍ତେ କ୍ଷତିପୂରଣ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧକ୍ଷତା କରିଥିବାବେଳେ ଅନ୍ୟମାନଙ୍କ ମଧରେ ଭାରପ୍ରାପ୍ତ ଅତିରିକ୍ତ ବିଡ଼ିଓ ନିରାକାର ଜେନା , ଫ୍ର□ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ,ବାଣପୁର ଓକିଲ ସଂଘ



ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ଆଇନଜୀବୀ ଜଗଦିଶ ପଟ୍ଟନାୟକ, ସୀତାରାମ ଅଗ୍ରୱାଲ, କାମେଶ୍ୱର ଆଚାରୀ ଏବଂ ବାଣପୁର ବ୍ଲକ ଓ ଏନଏସି ର ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ଶିଶୁ ମାନଙ୍କ ଉପରେ ହେଉଥିବା ବିଭିନ୍ନ ଅପରାଧ ଏବଂ ଦଣ୍ଡବିଧାନ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ଶିଶୁମାନଙ୍କ ବିରୁଦ୍ଧରେ ହେଉଥିବା ଯୌନ ନିର୍ଯ୍ୟାତନା, ହିଂସା ଏବଂ ଯୌନ ଉଦ୍ଦୀପକ(ପର୍ଣ୍ଣଗ୍ରାଫି) ପ୍ରକାଶନ, ବିତରଣ ଏବଂ ତାହାକୁ ନିଜ ପାଖରେ ରଖିବା ଅପରାଧ ବୋଲି ବିବେଚିତ କରିଥିଲେ । ଶିଶୁଙ୍କ ବିରୁଦ୍ଧରେ ହେଉଥିବା ହିଂସାକୁ ଲୁଚାଇରଖିବା ଏବଂ ଶିଶୁଙ୍କର ପରିଚୟ ପ୍ରକାଶ କରିବା ମଧ ଉକ୍ତ ଆଇନ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ତତସହିତ ପୀଡ଼ିତାଙ୍କ ନିମନ୍ତେ ଉକ୍ତ ଆଇନ ଅନ୍ତର୍ଗତ କ୍ଷତିପୂରଣ ବ୍ୟବସ୍ଥା ସମ୍ପର୍କରେ ମଧ ଆଲୋଚନା କରିଥିଲେ ବିଚାରପତି ଶ୍ରୀ ମହାପାତ୍ର ।

## ମଧ୍ୟପ୍ରଦେଶର ମୈହରରେ ହାଇୱା-ବସ ଧକ୍କା, ୯ ମୃତ




ସତନା,୩୦।୯(ଏଜେନ୍ସି): ମଧ୍ୟଦେଶର ମୈହର ଜିଲ୍ଲାରେ ଶନିବାର ବିଳମ୍ବିତ ରାତିରେ ଭୟାବହ ସଡକ ଦୁର୍ଘଟଣା ହୋଇଛି । ନାଦନ ଦେହାତ ଥାନା ଅନ୍ତର୍ଗତ ଜାତୀୟ ରାଜଥ ୩୦ରେ ଏକ ଦ୍ରୁତଗତିରେ ଥିବା ବସ ଭାରସାମ୍ୟ ହରାଇ ରାସ୍ତା କଡରେ ଠିଆ ହୋଇଥିବା ଏକ ହାଇୱା ସହ ଧକ୍କା ହୋଇଥିଲା । ଦୁର୍ଘଟଣାରେ ବସରେ ଥିବା ୯ଜଣ ଲୋକଙ୍କ ମୃତ୍ୟୁ ହୋଇଛି ।ସେହିପରି ୨୪ଜଣ ଆହତ ହୋଇଛନ୍ତି । ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ ଆଭା ଟ୍ରାଭେଲ୍ସର ସ୍ଲିପର କୋଚ ବସ ପ୍ରାଗରାଜରୁ ରିଭା ଦେଇ ନାଗପୁର ଯାଉଥିଲା । ରାତି ପ୍ରାୟ ୧୧ଟା ବେଳେ ନାଦନ ଥାନାରୁ କିଛି ଦୂରରେ ଥିବା ଚୌରାସିଆ ଢାବା ନିକଟରେ ଭାରସାମ୍ୟ ହରାଇ ହାଇୱା ସହ ଧକ୍କା ହୋଇଥିଲା । ବସରେ ୪୫ଜଣ ଯାତ୍ରୀ ଥିଲେ । ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ଥିଲା । ଜେସିବି ସହାୟତା ମଧ ନିଆଯାଇଥିଲା । ଗ୍ୟାସ କଟରରେ ବସର ଗେଟ ଖୋଲି ଉଦ୍ଧାର କରାଯାଇଥିଲା ।

## କଂଗ୍ରେସ ସଂରକ୍ଷଣ ବିରୋଧୀ : ମାୟାବତୀ

ଲକ୍ଷ୍ନୌ,୩୦।୯(ଏଜେନ୍ସି): ବହୁଜନ ସମାଜ ାର୍ଟି (ବସପା)ର ରାଷ୍ଟ୍ରୀୟ ସଭାପତି ମାୟାବତୀ କଂଗ୍ରେସକୁ ସଂରକ୍ଷଣ ବିରୋଧୀ କହି ହରିୟାଣା ବିଧାନସଭା ଉନିର୍ବାଚନରେ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ଭାଜପା -କଂଗ୍ରେସକୁ ଭୋଟ ନ ଦେବାକୁ ନିବେଦନ କରିଛନ୍ତି । ରବିବାର ମାୟାବତୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି ହରିୟାଣାରେ ହେଉଥିବା ଉପ ନିର୍ବାଚନ ସମୟରେ କଂଗ୍ରେସ କ୍ରମାଗତ ଦଳିତମାନଙ୍କୁ ଅବହେଳା କରୁଛି । ଏଥିରୁ ମାଣ ହେଉଛି ଯେ ପାର୍ଟିରେ ବର୍ତ୍ତମାନ ସବୁକିଛି ଠିକ ନାହିଁ। ଏଭଳି ପରିସ୍ଥିତିରେ ଦଳିତ ସମାଜର ଲୋକ କଂଗ୍ରେସ ଏବଂ ଭାଜପା ଆଦିଙ୍କୁ ନିଜ ଭୋଟ ଦେଇ ଏହାକୁ ଖରା କରିବା ଉଚିତ ନୁହେଁ। ମାୟାବତୀ କହିଛନ୍ତି ଯେ ସବୁବେଳେ



ସଂରକ୍ଷଣକୁ ବିରୋଧ କରୁଥିବା କଂଗ୍ରେସ ନେତାମାନେ ବର୍ତ୍ତମାନ ସଂରକ୍ଷଣକୁ ସମୟ ଆସିବା ପରେ ସମାପ୍ତ କରିବାକୁ ଆଲୋଚନା କରୁଛନ୍ତି। ତେଣୁ ଦଳିତମାନେ ନିଜ ଭୋଟ ଏକପାଖିଆ ଭାବରେ ବସପାକୁ ଦେବା ଉଚିତ କାରଣ ଏହି ଦଳ ତାଙ୍କ ସ୍ୱାର୍ଥ ଏବଂ କଲ୍ୟାଣର ସୁରକ୍ଷା ତଥା ସାମ୍ବିଧାନିକ ଅଧିକାର ପ୍ରଦାନ କରି ତାଙ୍କୁ ଶାସକ ବର୍ଗରେ ପରିଣତ କରିବା ପାଇଁ ନିରନ୍ତର ସଂଘର୍ଷରତ ଅଛି। ଏଥି ସହ ଜାମ୍ମୁକାଶ୍ମୀରରେ ଦଳିତ ବର୍ଗର ଲୋକମାନେ କଂଗ୍ରେସ ,ବିଜେପି ଏବଂ ଅନ୍ୟ କୌଣସି ଗଠବନ୍ଧନ ଆଦିର ମିଥ୍ୟା ପ୍ରତିଶୃତି ତଥା ଅନ୍ୟାନ୍ୟ ଭ୍ରମର ଶିକାର ହେବା ଉଚିତ ନୁହେଁ। ବରଂ ସେମାନଙ୍କର ଦଳିତ ବିରୋଧୀ ଇତିହାସକୁ ଧ୍ୟାନରେ ରଖି ଆପଣଙ୍କର ମୁଲ୍ୟବାନ ଭୋଟ ଏକପାଖିଆ ଭାବରେ ବସପାକୁ ହିଁ ଦିଅନ୍ତୁ ,ଏହା ସମସ୍ତଙ୍କୁ ଦୃଢ ନିବେଦନ।

## ଶାହାରୁଖ ଖାନ ଜିତିଲେ ଶ୍ରେଷ୍ଠ ଅଭିନେତା ପୁରସ୍କାର

ମୁମ୍ବାଇ,୩୦।୯(ଏଜେନସି): ଆଇଫା ଆୱାର୍ଡ ୨୦୨୪ ସମାରୋହ ଏବେ ଅବୁଧାବୀରେ ଚାଲିଛି। ଆୱାର୍ଡ ସମାରୋହରେ ବଲିଉଡ ତାରକାମାନେ ଯୋଗ ଦେଇଛନ୍ତି। ଆଇଫା ଆୱାର୍ଡସ ୨୦୨୪ ପାଇଁ ବହୁତ କ୍ରେଜ ଦେଖିବାକୁ ମିଳିଛି । ଏହି ଆୱାର୍ଡ ଉତ୍ସବରେ କାହାକୁ କେଉଁ ଆୱାର୍ଡ ମିଳିଲା ,ବିଜେତାଙ୍କ ତାଲିକା ପ୍ରକାଶ ପାଇଛି।

ଏଥିରେ ଫିଲ୍ମ 'ଯୱାନ'ପାଇଁ ଶାହରୁଖ ଖାନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି ।




ଶାହାରୁଖ ମଣୀରତ୍ନମଙ୍କୁ ପ୍ରଣାମ କରି ପୁରସ୍କାର ଗ୍ରହଣ କରିଥିବା ବେଳେ ଏ.ଆର ରହେମାନ ଏବଂ ମଣୀରତ୍ନମଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶ୍ରେଷ୍ଠ ଫିଲ୍ମ- ଏନିମଲ, ବେଷ୍ଟ ସହାୟକ ଅଭିନେତା -ଅନିଲ କପୁର(ଏନିମଲ), ବେଷ୍ଟ ସହାୟକ ଅଭିନେତ୍ରୀ-ଶବାନା ଆଜମୀ(ରାଁକୀ ଏବଂ ରାନୀ କି ପ୍ରେମ କହାନୀ ), ବେଷ୍ଟ ଅଭିନେତା -ଶାହାରୁଖ ଖାନ(ଜାବନ), ବେଷ୍ଟ ଅଭିନେତ୍ରୀ -ରାନୀ ମୁଖାର୍ଜୀ(ମିସେଜ ଚାଟାର୍ଜୀ ବନାମ ନର୍ୱେ), ନକରାତ୍ମକ ଭୂମିକାରେ ବେଷ୍ଟ ଅଭିନେତା -ବବି ଦେଓଲ(ଏନିମଲ), ଭାରତୀୟ ସିନେମାରେ ଉଲ୍ଲେଖନୀୟ ଅବଦାନ -ଜୟନ୍ତୀଲାଲ ଗଡା, ହେମାମାଳିନୀ ସିନେମାରେ ୨୫ ବର୍ଷ ପୁରା କରିବାର ସଫଳତା ପାଇଁ ଆୱାର୍ଡ ପାଇଛନ୍ତି ।

## ତେଲେଙ୍ଗା ପଦର ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟରେ ଉଚ୍ଚାକାଂକ୍ଷୀ ବ୍ଲକ୍ ପ୍ରୋଗ୍ରାମ

**ମୁନିଗୁଡ଼ା,(ନି.ପ୍ର):** ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ର ତେଲେଙ୍ଗା ପଦର ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଉଚ୍ଚାକାଂକ୍ଷୀ ବ୍ଲକ୍ ପ୍ରୋଗ୍ରାମ ସମ୍ପୂର୍ଣ୍ଣତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସିକକାଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ କୃଷି ବିଭାଗ ଉତ୍ତମ କୁମାର ଦାସଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତମ କୁମାର ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଯୋଜନାର ମୂଳ ଲକ୍ଷ୍ୟ ଓ ଆଭିମୂଖ୍ୟ ବିଷୟରେ ଆଲୋଚନା କରିଥିଲେ। ଉଚ୍ଚାକାଂକ୍ଷୀ ବ୍ଲକ୍ ପ୍ରୋଗ୍ରାମ ର ସଂଯୋଜକ ମାନସ କୁମାର ନାଏକ ପ୍ରଥମେ ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ବିଶେଷ ଭାବରେ ତିନି ମାସର (ଜୁଲାଇ ୪ତାରିଖରୁ ସେପ୍ଟେମ୍ବର ୩୦ତାରିଖ) ପର୍ଯ୍ୟନ୍ତ ଏହି କାମ୍ପେନ୍ ଚାଲୁରହିବା ସହ ୬ଟି ପାରା ମିଟରର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହା ପରେ ସମ୍ମାନୀତ ଅତିଥି ମୁଖ୍ୟ ପରିଚାଳକ ଷ୍ଟେଟ ବ୍ୟାଙ୍କ ମୁନିଗୁଡା ଶାଖାର କାହ୍ନୁ ଚରଣ ସାହୁ ଉପସ୍ଥିତ ରହି ବ୍ୟାଙ୍କ ମାଧ୍ୟମରେ ଚାଷୀ ମାନଙ୍କ ପାଇଁ ବିଭିନ୍ନ




ଋଣ ବ୍ୟବସ୍ଥା ଓ ବୀମା ସହ ଅନ୍ୟାନ୍ୟ ସ୍କିମ୍ ବିଷୟରେ ଆଲୋଚନା କରିଥିଲେ। ଏହାପରେ ଅନ୍ୟତମ ସମ୍ମାନୀତ ଅତିଥି ଗୋଷ୍ଠୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ ଓ ସହକାରୀ କୃଷି ଅଧିକାରୀ ଦୀପ୍ତି ରାଣୀ ପଟ୍ଟନାୟକ ଏହି ଯୋଜନା ଅନ୍ତର୍ଗତ କୃଷି ବିଭାଗ ତରଫରୁ ବିଭିନ୍ନ ଯୋଜନା ବିଶେଷ ଭାବରେ ମୃତ୍ତିକା ସ୍ୱାସ୍ଥ୍ୟ କାଡ, ସିଏମ୍ କିଷାନ୍ ନିଧି , ପିଏମ୍ କିଷାନ୍ ନିଧି ଯୋଜନା,ରୋଗ ପୋକ ପରିଚାଳନା ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ ଭାବରେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା କାଡ଼ର୍ ବଣ୍ଟନ ସହ ବିତ୍ତିୟ ସାକ୍ଷରତା ଶିବିର ଓ ଅପରାହ୍ନରେ ବାଳିକା ଉଚ୍ଚ ବିଦ୍ୟାଳୟ ମୁନିଗୁଡାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଛାତ୍ରୀ ମାନଙ୍କୁ ବିଭିନ୍ନ ପୁସ୍ତକ ବଣ୍ଟନ ଏହି ପରି ତିନୋଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ଦେଶରେ୨୦୨୩-୨୪ ଆର୍ଥିକ ବର୍ଷରେ ୧୧୨ଟି ଜିଲ୍ଲାରେ ୫୦୦ଟି ବ୍ଲକରେ କାର୍ଯ୍ୟକାରୀ ହୋଇ ଆସୁଛି ଏବଂ ମୁଖ୍ୟ ରୂପରେ ୬ଟି ପାରାମିଟର ଯଥା ଶିକ୍ଷା, ସ୍ୱାସ୍ଥ୍ୟ,କୃଷି, ସ୍ୱଚ୍ଛ ପାନୀୟ ଜଳ, ବାସଗୃହ ଆଦି ଉପରେ ଲୋକମାନଙ୍କର ଆର୍ଥିକ ସ୍ୱାବଲମ୍ବୀ ଉପରେ ଗୁରୁତ୍ୱ ଦେଇ ଆସୁଛି। କୁମୁଡ଼ାବାଲି ଓ ତେଲେଙ୍ଗା ପଦର ଗ୍ରାମ ପଞ୍ଚାୟତର ୫୦ରୁ ଉର୍ଦ୍ଧ ମହିଳା ଓ ପୁରୁଷ ଚାଷୀଙ୍କୁ ମୃର୍ତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା କାଡ଼ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜୀବିକା ମିଶନର ଗୋଷ୍ଠୀ ପ୍ରକଳ୍ପ ପରିଚାଳକ କ୍ଷୀରୋଦ ଚନ୍ଦ୍ର ଭୁଇଁଆ, କୃଷି ଅଧିଦର୍ଶକ ହିମାଂଶୁ ଭୂଷଣ ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ବିଳାସ ଚନ୍ଦ୍ର ଗାଣ୍ଡା, ରମାକାନ୍ତ ସାରା, ପ୍ରଭାତ ପ୍ରକାଶ ନାଏକ, ଭାସ୍କର ଶବର, ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଦାଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



**ଝାରସୁଗୁଡା,(ନି.ପ୍ର):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ସୁଡୁଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସାହାସପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୪' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦଘାଟନୀ ଉତ୍ସବରେ ସଭାପତି ଭାବରେ ସୁଡୁଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଙ୍ଗାଧର ପଟେଲ, ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମକୁନ୍ଦ ଦିହୁରିଆ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହାସପୁର ସିଆରସିସି ପ୍ରଦୀପ କୁମାର ନାଏକ ଏବଂ ସମ୍ମାନିତ ଅତିଥି ଭାବରେ ଚକ୍ରଧର ମାଝୀ, ଧର୍ମେନ୍ଦ୍ର ଦେଓ ଯୋଗ ଦେଇଥିଲେ। ଏହି ସଭାକୁ ପ୍ରଶାନ୍ତ ଦେଓ ପରିଚାଳନା କରିଥିବା ବେଳେ ଛତ୍ରଲାଲ କିସାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ସଭାପତି ଭାବରେ ପ୍ରଧାନ ଶିକ୍ଷକ ଗଙ୍ଗାଧର ପଟେଲ, ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ ବାରିକ, ସମ୍ମାନିତ ଅତିଥି ଭାବରେ ଗୁରୁ ପ୍ରସାଦ ଦେଓ, କୀର୍ତ୍ତନ କିସାନ ଓ ପ୍ରଦୀପ ମେହେର ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ନାଏକ ସଂଯୋଜନା କରିଥିବା ବେଳେ ପରିଶେଷରେ ଅଭୟ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଚଏଲଏଫପିପିଟି ଓ ଷ୍ଟେଟବ୍ୟାଙ୍କର ସଞ୍ଜିବନୀ ସ୍ୱାସ୍ଥ୍ୟସେବା

**ଅମ୍ବାଦଳା,(ନି.ପ୍ର) :** ରାୟଗଡା ଜିଲ୍ଲାର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳ ପାଇଁ ସଞ୍ଜିବନୀ ସ୍ୱାସ୍ଥ୍ୟସେବା ଆଣିଛି ଆଶାର ଆଲୋକ। ଏଚଏଲଏଫପିପିଟି ଓ ଷ୍ଟେଟବ୍ୟାଙ୍କ ଫାଉଣ୍ଡେସନର ମିଳିତ ଉଦ୍ୟମରେ କାଲିଠାରୁ ଉପଲବ୍ଧ ହେବ ସଞ୍ଜିବନୀ ଭ୍ରାମ୍ୟମାଣ ଚିକିତ୍ସା ସୁବିଧା। ମୁଖ୍ୟ ପୃଷ୍ଠପୋଷକ ହିନ୍ଦୁସ୍ତାନ ଲାଟେକ୍ସ ଫାମିଲି ପ୍ଲାନିଙ୍ଗ ଆଣ୍ଡ ପ୍ରୋମସନାଲ ଟ୍ରଷ୍ଟ ଉପାନ୍ତ ଅଞ୍ଚଳ ଗୁଡିକରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଘରେ ନେଇ ପହଂଚାଇବା ଲକ୍ଷ୍ୟ ରଖିଥିବାବେଳେ ଏଥିରେ ସହଯୋଗର ହାତ ବଢ଼ାଇଛି ଷ୍ଟେଟବ୍ୟାଙ୍କ ଫାଉଣ୍ଡେସନ। 'ଚକ ଉପରେ ସଞ୍ଜିବନୀ କ୍ଲିନିକ' ଶୀର୍ଷକରେ ଆରମ୍ଭ ହେବାକୁ ଥିବା ଏହି ସ୍ୱାସ୍ଥ୍ୟ ଶିବିରରେ ରକ୍ତ ପରୀକ୍ଷା, ଇସିଜି, ଡାଇବେଟିସ ଟେଷ୍ଟ, ଚକ୍ଷୁ ପରୀକ୍ଷା ଭଳି ବିଭିନ୍ନ ରୋଗ ନିର୍ଣ୍ଣୟ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉନ୍ନତ ମାନର ଚିକିତ୍ସା ସୁବିଧା ଦ୍ୱାର ମୁହଁରେ ଯୋଗାଇ ଦିଆଯିବ ବୋଲି ପ୍ରାୟୋଜକ ସଂସ୍ଥାର ଅଧିକାରୀ ମାନେ ପ୍ରକାଶ କରିଛନ୍ତି। ପ୍ରଥମ



ପର୍ଯ୍ୟାୟରେ ରାୟଗଡା ଜିଲ୍ଲାର କଲ୍ୟାଣୀ ସିଂଙ୍ଗପୁର ବ୍ଲକ ଓ ମୁନିଗୁଡା ବ୍ଲକର ରଘୁବାରୀ ଉପାନ୍ତ ଅଞ୍ଚଳରେ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସୁବିଧା ୧୧ ଦିନ ଲେଖାଏଁ ଉପଲବ୍ଧ ବୋଲି ସୂଚନା ମିଳିଛି। ଆଜି ଏଚଏଲଏଫପିପିଟିର ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ସଞ୍ଜୟ ଶୁକ୍ଲା, ପରିଚାଳନା ଅଧିକାରୀ ରାଜେଶ ବେହେରା, ଷ୍ଟେଟବ୍ୟାଙ୍କ ଫାଉଣ୍ଡେସନର ଭ୍ରାମ୍ୟମାଣ ସଞ୍ଜିବନୀ କ୍ଲିନିକ ପ୍ରକଳ୍ପ ସଂଯୋଜକ ବିଷ୍ଣୁ ଚରଣ ପଣ୍ଡା ଓ ଡାକ୍ତର ଜଗନ୍ନାୟ ଜେନା ପ୍ରମୁଖ ରଘୁବାରୀ ଅଞ୍ଚଳ ଗସ୍ତ କରି ଫେରିଥିବାବେଳେ ଏଠାରେ କାଲିଠାରୁ ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହେବ ବୋଲି ଜଣା ପଡିଛି।

## ଦଶହରା ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ବ୍ୟବସାୟୀ ସଙ୍ଘର ପ୍ରସ୍ତୁତି ବୈଠକ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ଚଳିତ ବର୍ଷ ଦଶହରା ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଆଜି ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଙ୍ଘ ତରଫରୁ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟବସାୟୀ ସଙ୍ଘର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ନିଶ୍ଚିନ୍ତକୋଇଲି ତହସିଲଦାର ଅନିତା ନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବ୍ୟବସାୟୀ ସଙ୍ଘର ସଭାପତି ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ, ପୂଜା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ବ୍ୟବସାୟୀ ସଙ୍ଘ ତରଫରୁ ୧୩ଟି ମେଢ ଓ ଗୋଟିଏ ଦୁର୍ଗା ମେଢ ପ୍ରସ୍ତୁତ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ। ବଜାରରେ ଆସନ୍ତା ଅକ୍ଟୋବର ୧୦ ତାରିଖ ସପ୍ତମୀ ପୂଜା ଆରମ୍ଭ ହେବ। ଏହା ୧୬ ତାରିଖ ବୁଧବାର ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ପ୍ରତ୍ୟେହ ରାତ୍ରରେ




ବ୍ୟବସାୟୀ ସଙ୍ଘ ତରଫରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ସହ ବଜାରକୁ ରଙ୍ଗୀନ ଆଲୋକରେ ଆଲୋକିତ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ଏପରିକି ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ କଡାକଡି ଭାବେ ପାଳନ କରାଯିବା ସହ ଦଶହରା ପୂଜାରେ ଡିଜେ ବଜାଯିବ ନାହିଁ ବୋଲି ଶ୍ରୀ ପଣ୍ଡା ଘୋଷଣା କରିଥିଲେ। ଆସନ୍ତା ୧୬ତାରିଖରେ ବଜାର ବ୍ୟବସାୟୀ ସଙ୍ଘ ଭଷାଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଭଷାଣ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବା ଦିଗରେ ସ୍ଥାନୀୟ ଅଂଚଳବାସୀ ପୂର୍ଣ୍ଣ ସହଯୋଗର ହାତ ବଢାଇବାକୁ ଶ୍ରୀ ପଣ୍ଡା ନିବେଦନ କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ,ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସରପଂଚଙ୍କ ପ୍ରତିନିଧି ହେମନ୍ତ କୁମାର ରାଉତ,ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ଞାନରଞ୍ଜନ ମିଶ୍ର, ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀ ପ୍ରମୁଖ ଯୋଗଦାନ କରି ସୁଚିନ୍ତିତ ମତାମତ ରଖିଥିଲେ। ଏଥିରେ ପୂଜା କମିଟିର କାର୍ଯ୍ୟକର୍ତା ସର୍ବଶ୍ରୀ ବଂଶୀଧର ସାମଲ, କେଦାରନାଥ ସାଥୁଆ, ବିଶ୍ୱଜିତ ରାଉତ, ଗଗନ ବିହାରୀ ବରାଳ, ମନମୋହନ ଓଝା, କରୁଣାକର ସାହୁ, ଜ୍ୟୋତିରଞ୍ଜନ ସାହୁ, ରଞ୍ଜନ କୁମାର ଜେନା, ରାମଚନ୍ଦ୍ର ସାହୁ, ବାବାଜି ଚରଣ ସାହୁ, ଅଜୟ କୁମାର ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ବ୍ୟବସାୟୀ ସଙ୍ଘର ସମ୍ପାଦକ ଜୀବନାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗର ନୂତନ କକ୍ଷ ଓ ପ୍ରାଚୀର ପତ୍ର ଉଦ୍‌ଘାଟିତ

**ବୀରମହାରାଜପୁର,(ନି.ପ୍ର):** ବୀରମହାରାଜପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ନୂତନ କକ୍ଷ ପରିଚାଳନା ସମିତିର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀ, ବିଭାଗ ମୁଖ୍ୟ ଶିବ କୁମାର ପୁରୋହିତ, ଅଧ୍ୟାପକ ନରେନ୍ଦ୍ର ଝା ଓ ଅଧ୍ୟାପକ ସ୍ମୃତିରଞ୍ଜନ ଭରାସାଗର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଭାଗର ପ୍ରାଚୀର ପତ୍ର – ପଲିଟିକସ୍ ଅଧ୍ୟକ୍ଷଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ପରେ ଅଧ୍ୟକ୍ଷ ଡ. ପାଢୀଙ୍କ ସଭାପତିତ୍ୱରେ ଓ ଅଧ୍ୟାପକ ଶ୍ରୀ ଝାଙ୍କ ସଂଯୋଜନାରେ ମାନବିକ ଅଧିକାର ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରିୟଙ୍କା ପଧାନ, ଅଙ୍କିତା ପୁରୋହିତ, ଅଙ୍କିତା ପାଣିଗ୍ରାହୀ, ବିମଳ କୁମାର କୁମ୍ଭାର, ଜୋର୍ତିମୟୀ ସାହୁ ଓ ଝରଣା ମହାକୁର ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିଭାଗ ମୁଖ୍ୟ ଶ୍ରୀ ପୁରୋହିତ ବିଷୟ ଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶ୍ରୀ ଭରାସାଗର ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବ ଭାରତୀୟ ରେଳବାଇ ଆର୍ଚେରୀ ଚମ୍ପିଅନସିପ୍ ୨୦୨୪ରେ ପୂର୍ବତଟ ରେଳପଥକୁ ୪ ପଦକ

**ଭୁବନେଶ୍ୱର,(ନି.ପ୍ର):** ଏକ ଚମତ୍କାର ପ୍ରଦର୍ଶନରେପୂର୍ବତଟ ରେଳପଥର ଖେଳାଳିମାନେ ଚିତ୍ତରଞ୍ଜନ ଲୋକୋମୋଟିଭ୍ ୱାର୍କସ (ଉଖଡ) ରେ ୨୩ ରୁ ୨୫ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଆୟୋଜିତ ୧୪ ତମ ସର୍ବ ଭାରତୀୟ ରେଳବାଇ ଆର୍ଚେରୀ ଚମ୍ପିଅନସିପ୍ ୨୦୨୪ ରେ ଚାରିଟି ପଦକ ହାସଲ କରିଛି। ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱରରୁ ପ୍ରତିନିଧିତ୍ୱ କରୁଥିବା ସୁଭମ୍ ଦାଶ କମ୍ପାଉଣ୍ଡ ଗୃପରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଉଲ୍ଲେଖନୀୟ ଦକ୍ଷତା ପ୍ରଦର୍ଶନ କରିଥିବାବେଳେ ରେଳପଥର ଜେନେରାଲ୍ ଷ୍ଟୋରସ୍ ଡିପୋ (ଜିଏସଡି)ର କୁଲଭେନ୍ଦର ସିଂ ସମାନ ବର୍ଗରେ ଦୁଇଟି ରୌପ୍ୟ ପଦକ ହାସଲ କରି ରେଳପଥ ପାଇଁ ଗର୍ବ ଏବଂ ସ୍ୱୀକୃତି ଆଣିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ସେମାନଙ୍କର ନିଷ୍ଠା ଏବଂ ପରିଶ୍ରମ ପାଇଁ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଉଭୟ ସୁଭମ୍ ଦାଶ ଏବଂ କୁଲଭେନ୍ଦର ସିଂଙ୍କ ଉଦ୍ୟମକୁ ପ୍ରଶଂସା କରି



କ୍ରୀଡ଼ାରେ ଉତ୍କର୍ଷତା ପାଇଁ ଉଦ୍ୟମ ଜାରି ରଖିବାକୁ ତଥା ସଂଗଠନକୁ ଅଧିକ ଉତ୍ସାହିତ କରିବାକୁ ପ୍ରୋତ୍ସାହିତ କରିଥିଲେ। କ୍ରୀଡ଼ାରେ ପ୍ରତିଭା ପ୍ରତିପୋଷଣ ଏବଂ ଖେଳାଳି ମାନଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ, ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିବାରେ ସାହାଯ୍ୟ କରିବାକୁ ସେ ରେଳପଥର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଚାମ୍ପିୟନଶିପରେ ଜିତିଥିବା ପଦକଗୁଡ଼ିକ କେବଳ ରେଳ ସେବାରେ ନୁହେଁ ବରଂ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ଏବଂ କର୍ମଚାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉନ୍ନତ କରିବାକୁ ଉତ୍ସାହିତ କରିବାରେ ରେଳପଥର ଦକ୍ଷତାକୁ ସୂଚିତ କରୁଛି।

## ୯ ମ ପଞ୍ଚାୟତ ସମିତି ବୈଠକ

**ଚମ୍ପୁଆ,(ନି.ପ୍ର):** ଚମ୍ପୁଆ ପଞ୍ଚାୟତ ସମିତି ସଭାକକ୍ଷଠାରେ ୯ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିଲେ । ଏଥିରେ ସ୍ଥାନୀୟ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ନାଏକ, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ଉପାଧ୍ୟକ୍ଷ ଚମ୍ପାବତୀ ମହାକୁଡ, ଜିଲାପରିଷଦ ସଦସ୍ୟା ରମଣୀ ନାୟକ, ସଦସ୍ୟ ଉଦୟ ନାଥ ନାଏକ, ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ରାଜା ରଣଜିତ ପ୍ରତାପ ବଳ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ବୈଠକରେ ୨୨ଗୋଟି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ, ସଭ୍ୟା, ସରପଞ୍ଚ ଏବଂ ସମସ୍ତ ବିଭାଗର ବିଭାଗୀୟ ପଦାଧିକାରୀ ଆଦି ଉପସ୍ଥିତ ଥିଲେ। ଏହି ବୈଠକରେ ସମସ୍ତ ବିଭାଗର ଅଧିକାରୀଆଦି ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଉନ୍ନୟନ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଚଳିତ ବର୍ଷ ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏବଂ ୪ଗୋଟି ଉପକେନ୍ଦ୍ରକୁ କେନ୍ଦ୍ର



ପୁରସ୍କାର ମିଳିଥିବା ସମ୍ପର୍କରେ ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ ସ୍ୱସ୍ତିକ ଆଚାର୍ଯ୍ୟ ସୂଚନା ଦେଇଥିଲେ । କିଛିଦିନ ତଳେ କିଛି ଔଷଧ ମିଳିନଥିଲାବେଳେ ତାର ତୁରନ୍ତ ପ୍ରତିକାର ସ୍ୱରପ ରୋଗୀ କଲ୍ୟାଣ ସମିତି ଜରିଆରେ ତାହା ପୂରଣ କରିଥିବା ସୂଚନା ଦେଇଥିଲେ । କୃଷ୍ଣପୁର, ବସିରା, କାଳିକାପ୍ରସାଦ ଆଦି ବିଭିନ୍ନ ବିଦ୍ୟାଳୟ ଗୁଡିକରେ ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଏବଂ ସମିତି ସଭ୍ୟ, ସଭ୍ୟା ସଭାରେ ଉପସ୍ଥାପନ କରିଥିଲେ । କୁଟାରିପଶି ସରପଞ୍ଚ ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖାକୁ ନେଇ ହୋଇଥିବା ଅବ୍ୟବସ୍ଥା ସମ୍ପର୍କରେ ଗୃହରେ ଅଭିଯୋଗ ବାଢିଥିଲେ । ଦୀର୍ଘଦିନରୁ ବସିରା ପ୍ରାଥମିକ ବିଦ୍ୟାଳୟର ଲାଗିରହିଥିବା ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ କରିଥିଲେ ମଧ ସେ ସମ୍ପର୍କରେ ପଦକ୍ଷେପ ନିଆଯାଇନଥିବାରୁ ସମିତି ସଭ୍ୟା କ୍ଷୋଭ ପ୍ରକାଶ କରିଥିଲେ । ଏତଦ୍‌ବ୍ୟତୀତ ବିଦ୍ୟାଳୟଗୁଡିକରେ ଅଧିକରୁ ଅଧିକ ଶିକ୍ଷକ ନିଯୁକ୍ତି ଭଙ୍ଗା ଘରଗୁଡିକର ତୁରନ୍ତ ମରାମତି କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ରାଜା ରଣଜିତ ପ୍ରତାପ ବଳ ପ୍ରତିଶୃତି ଦେଇଥିଲେ । ସ୍ଥାନୀୟ ବିଧାୟକ ଶ୍ରୀ ମହାକୁଡ ତୁରନ୍ତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଯନ୍ତ୍ରୀ କରଣ ସୋରେନଙ୍କୁ ପରାମର୍ଶ ଦେଇଥିଲେ।

# ରୋମାଞ୍ଚକର ସ୍ଥିତିରେ କାନପୁର ଟେଷ୍ଟ








- ମମିନୁଲଙ୍କ ଦମଦାର ଶତକ
- ବାଂଲାଦେଶ ୨୩୩ ଓ ୨୬/୨
- ଭାରତ ୨୮୫/୯ (ଘୋଷଣା)
- ଯଶସ୍ୱୀ ଓ ରାହୁଲଙ୍କ ଅର୍ଦ୍ଧଶତକ
- ୪ର୍ଥ ଦିବସରେ ଗଡ଼ିଲା ୧୮ଟି ଓ୍ୱିକେଟ

କାନପୁର,୩୦।୯ : ରୋମାଞ୍ଚକର ସ୍ଥିତିରେ ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟର ୪ର୍ଥ ଦିନରେ ଘଟିଛି ଅନେକ ଘଟଣା। ବର୍ଷା ଯୋଗୁ ମ୍ୟାଚ୍‌ର ଅଢ଼େଇ ଦିନ ବାତିଲ ହୋଇଥିବା ବେଳେ ୪ର୍ଥ ଦିନରେ ଭାରତ କରିଛି କମାଲ।

ମ୍ୟାଚ୍ ଜିତିବା ଜିଦରେ ଥିବା ରୋହିତ ଶର୍ମା ଆଣ୍ଡ କୋ ଟେଷ୍ଟ ମ୍ୟାଚ୍‌କୁ ଟି-୨୦ ଭଳି ଖେଳିଛି ୪ର୍ଥ ଦିନରେ କ୍ରିକେଟ ଫ୍ୟାନ୍ସ ରନର ବର୍ଷା ଦେଖିଥିବା ବେଳେ ଦିନକରେ ୧୮ଟି ଓ୍ୱିକେଟ ଝଡ଼ିବାର ସାକ୍ଷୀ ବନିଛନ୍ତି।

୪ର୍ଥ ଦିନ ଖେଳ ଶେଷ ବେଳକୁ ବାଂଲାଦେଶ ତାର ଦ୍ୱିତୀୟ ଇନିଂସରେ ୨ ଓ୍ୱିକେଟ ହରାଇ ୨୬ ରନ କରିଛି। ଦଳ ଏବେ ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ୨୬ ରନ ପଛରେ ରହିଛି।ଆସନ୍ତାକାଲି ମ୍ୟାଚର ଶେଷ ଦିନ ଅନ୍ତିମ ଦିନରେ ଭାରତ ମ୍ୟାଚ୍ ଜିତିବା ପାଇଁ ପୂରା ଦମ ଲାଗାଇବ ।ଆଜି ବାଂଲାଦେଶ ଗୋଟିଏ ଦିନରେ ୯ଟି ଓ ଭାରତ ମଧ୍ୟ ୯ଟି ଓ୍ୱିକେଟ ହରାଇଛି ।

ବର୍ଷା ଯୋଗୁ ପ୍ରଥମ ଦିନରୁ ବନ୍ଦ ହୋଇଥିବା ଖେଳ ଆଜି ୪ର୍ଥ ଦିନରେ ଆରମ୍ଭ ହୋଇଥିଲା ବାଂଲାଦେଶ ୧୦୭/୩ରୁ ତାର ପ୍ରଥମ ଇନିଂସ ଆରମ୍ଭ କରିଥିଲ।। ବାଂଲା ଟାଇଗର ପାଇଁ ଗୋଟିଏ ପଟେ ମୋମିନୁଲ ହକ ଲଢ଼େଇ କରିଥିଲେ ହେଁ ଅନ୍ୟ ପଟେ କେହି ବି ତାଙ୍କୁ ସାଥ ଦେଇ ନଥିଲେ ମୋମିନୁଲ ୧୦୭ ରନ କରି ଶେଷ ଯାଏ ଅପରାଜିତ ରହିଥିଲେ।

ହେଲେ ବାଂଲାଦେଶ ତାର ପ୍ରଥମ ଇନିଂସରେ ୨୩୩ ରନ କରି ଅଲଆଉଟ ହୋଇଯାଇଥିଲା ଅର୍ଥାତ ବାଂଲାଦେଶ ଆଜି ପ୍ରଥମ ଇନିଂସରେ ୭ ଓ୍ୱିକେଟ ହରାଇଥିଲା ।ଯଶପ୍ରୀତ ବୁମରା ସର୍ବାଧିକ ୩ଟି ଓ୍ୱିକେଟ ନେଇଥିବା ବେଳେ ମହମ୍ମଦ ସିରାଜ, ଆକାଶ ଦୀପ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ ସଫଳତା ପାଇଥିଲେ। ବାଂଲାଦେଶର ଶେଷ ବ୍ୟାଟରଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ କରି ଟେଷ୍ଟ କ୍ୟାରିୟରରେ ନିଜର ୩୦୦ତମ ଓ୍ୱିକେଟ ଦଖଲ କରିଥିଲେ।

ବାଂଲାଦେଶ ଅଲଆଉଟ ହେବା ପରେ ଭାରତ ତାର ପ୍ରଥମ ଇନିଂସ ଆରମ୍ଭ କରିଥିଲା ପ୍ରଥମ ଓଭରରୁ ଯଶସ୍ୱୀ ଜୈସାଲ ଆଟାକ ଆରମ୍ଭ କରିଥିଲେ ସେ ୩ଟି ଚୌକା ମାରି ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଦେଇଥିଲେ ପରବର୍ତ୍ତୀ ଓଭରରେ ରୋହିତ ଶର୍ମା କ୍ରମାଗତ ୨ଟି ଛକା ମାରିଥିଲେ ଉଭୟ ୩ ଓଭରରେ ଦଳୀୟ ସ୍କୋରକୁ ୫୦ ରନରେ ପହଞ୍ଚାଇ ଦେଇଥିଲେ ତେବେ ଦଳୀୟ ସ୍କୋର ୫୪ ଥିବା ବେଳେ ରୋହିତ ଶର୍ମା ୧୧ ବଲରେ ୨୩ ରନ କରି ପ୍ୟାଭିଲିୟନ ଫେରିଥିଲେ।

ଏହାପରେ ଯଶସ୍ୱୀ ଓ ଶୁବମନ ଗିଲ ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ। ଯଶସ୍ୱୀଙ୍କ ବ୍ୟାଟରୁ ମଧ୍ୟ ଆଉ ଏକ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ୩୧ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ଯଶସ୍ୱୀ ଶେଷରେ ୫୧ ବଲରେ ୭୨ ରନ କରି ଆଉଟ ହୋଇଥିଲେ। ପରେ ଶୁବମନ ଗିଲ ୩୬ ବଲରେ ୩୯, ଋଷଭ ପନ୍ତ ୧୧ ବଲରେ ୯, ବିରାଟ କୋହଲି ୩୫ ବଲରେ ୪୭, କେଏଲ ରାହୁଲ ୪୩ ବଲରେ ୬୮ ଓ ଶେଷ ଭାଗରେ ଆକାଶ ଦୀପ ୫ ବଲରେ ୧୨ ରନ କରିଥିଲେ।

ସବୁ ବ୍ୟାଟର ଟି-୨୦ ଷ୍ଟାଇଲରେ ବ୍ୟାଟିଂ କରିବାକୁ ଭାରତର ସ୍କୋର ୩୫ ଓଭର ସୁଦ୍ଧା ୨୮୫ରେ ପହଞ୍ଚି ଯାଇଥିଲା ଏହି ସମୟରେ ଦଳ ୯ଟି କେଟ ମଧ୍ୟ ହରାଇଥିଲା ଦଳୀୟ ସ୍କୋର ୨୮୫/୯ ହୋଇଥିବା ବେଳେ ରୋହିତ ପ୍ରଥମ ଇନିଂସ ଘୋଷଣା କରିଥିଲା ଭାରତ ମାତ୍ର ୩୫ ଓଭର ବ୍ୟାଟିଂ କରି ୫୨ ରନର ଗୁରୁତ୍ୱପୂର୍ଣ୍ଣ ଲିଡ ହାସଲ କରି ନେଇଥିଲା।

ବାଂଲାଦେଶ ପକ୍ଷରୁ ସାକିବ ଅଲ ହାସନ ଓ ମେହିଦ ହାସନ ମିରାଜ ୪ଟି ଲେଖାଏ ଓ୍ୱିକେଟ ନେଇଛନ୍ତି ଆଜି ମ୍ୟାଚ୍‌ର ୪ର୍ଥ ଦିନ ହୋଇଥିବାରୁ ଭାରତ ଯଥାଶୀଘ୍ର ବାଂଲାଦେଶର ଦ୍ୱିତୀୟ ଇନିଂସକୁ ଶେଷ କରି ମ୍ୟାଚ୍ ଜିତିବା ମୁଡରେ ରହିଛି ।ତେଣୁ ବାଂଲାଦେଶକୁ ଆଜି ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଭାରତ କହିଥିଲା।

ବାଂଲାଦେଶ ଦ୍ୱିତୀୟ ଇନିଂସରେ ମଧ୍ୟ ସାମାନ୍ୟ ବ୍ୟାକଫୁଟରେ ରହିଛି। ଦଳ ଆଜି ୧୧ ଓଭର ବ୍ୟାଟିଂ କରି ୨ ଓ୍ୱିକେଟ ହରାଇ ୨୬ ରନ କରିଛି। ଏବେ ବି ଦଳ ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ୨୬ ରନ ପଛରେ ରହିଛି ଷ୍ଟମ୍ପ ଅପସାରଣ ବେଳକୁ କ୍ରିଜରେ ଶାଦମାନ ଇସଲାମ ୭ ଓ ପ୍ରଥମ ଇଂନିସରେ ଶତକ ହାସଲ କରିଥିବା ମୋମିନୁଲ ରହିଛନ୍ତି। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଯାକ ଓ୍ୱିକେଟ ନେଇଛନ୍ତି ସେ ପ୍ରଥମେ ଜାକିର ହାସନ(୧୦)ଙ୍କୁ ଏଲବିଡବ୍ଲ୍ୟୁ କରିଥିଲେ ଏହାପରେ ନାଇଟ ଓ୍ୱାଚମ୍ୟାନ ଭାବେ ଆସିଥିବା ହାସନ ମେହମୁଦ(୪) ମଧ୍ୟ ତାଙ୍କ ବଲରେ ବୋଲ୍ଡ ହୋଇଥିଲେ।

## ୨୭ ହଜାର ରନ କ୍ଲବରେ ବିରାଟ



କାନପୁର,୩୦।୯: ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୩୫ ବଲରେ ୪୭ ରନ କରିଥିବା ବିରାଟ କୋହଲି ନୂଆ। ରେକର୍ଡ କରିଛନ୍ତି ।ସେ ବିଶ୍ୱର ଦ୍ରୁତତମ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ ପୂରଣ କରିବାକୁ ସକ୍ଷମ ହୋଇଛନ୍ତି ।ପ୍ରଥମ ଟେଷ୍ଟରେ ଯଥାକ୍ରମେ ୬ ଓ ୧୭ ରନ କରିଥିବା ବିରାଟ ଆଜି ୩୫ ରନ କରିବା କ୍ଷଣି ନୂଆ। ରେକର୍ଡର ଅଧିକାରୀ ହୋଇଥିଲେ ।ଏହାପରେ ସେ ଆଉ ୧୨ ରନ କରି ସାକିବ ଅଲ ହାସନଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ। ବିରାଟ ଦ୍ରୁତତମ ତଥା ବିଶ୍ୱର ୪ର୍ଥ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ କରିଛନ୍ତି ।ସେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି ।ସଚିନ ୬୨୩ଟି ଇନିଂସ ଖେଳିବା ପରେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ କରିପାରିଥିଲେ।

କିନ୍ତୁ ବିରାଟ ୫୯୪ଟି ଇନିଂସରେ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି ସଚିନ ଓ ବିରାଟଙ୍କ ବ୍ୟତୀତ କୁମାର ସାଙ୍ଗାକାର ୬୪୮ଟି ଇନିଂସ ଓ ରିକି ପଣ୍ଟିଂ ୬୫୦ଟି ଇନିଂସରେ ୨୭ ହଜାର ରନ ହାସଲ କରିଥିଲେ।

ଅନ୍ୟପକ୍ଷରେ ସଚିନ ତେନ୍ଦୁଲକର ଅନ୍ତର୍ଜାତୀୟ କ୍ରିକେଟରେ ମୋଟ ୭୮୨ଟି ଇନିଂସରେ ୩୪,୩୫୭ ରନ କରିଥିବା ବେଳେ ତାଙ୍କ ପଛକୁ ସାଙ୍ଗାକାରା ୬୬୬ ଇନିଂସରେ ୨୮,୦୧୬ ରନ, ୬୬୮ ଇନିଂସରେ ରିକି ପଣ୍ଟିଂ ୨୭,୪୮୩ ରନ, ବିରାଟ କୋହଲି ୫୯୪ ଇନିଂସରେ ୨୭,୦୧୨ ରନ, ମାହେଲା ଜୟବର୍ଦ୍ଧନେ ୭୨୫ ଇନିଂସରେ ୨୫,୮୫୭ ରନ କରିଛନ୍ତି।

## ଗୋଟିଏ ଦିନରେ ୫ ବିଶ୍ୱ ରେକର୍ଡ କଲା ଭାରତ



କାନପୁର,୩୦।୯: ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟର ୪ ଦିନରେ ବିସ୍ଫୋରକ ବ୍ୟାଟିଂ କରିଥିବା ଟିମ ଇଣ୍ଡିଆ। ଏକଥରେ ୫ ବିଶ୍ୱ ରେକର୍ଡକୁ ଭାଙ୍ଗିଛି। ଭାରତ ପାଇଁ ପ୍ରଥମ ଇନିଂସରେ ଯଶସ୍ୱୀ ଜୈସାଲ ସର୍ବାଧିକ ୭୨ ରନ କରିଥିବା ବେଳେ କେଏଲ ରାହୁଲ ନିମ୍ନ ଭାଗରେ ଦ୍ରୁତ ୬୮ ରନର ଇନିଂସ ଖେଳିଛନ୍ତି ଭାରତର ସବୁ ବ୍ୟାଟର ବଡ଼ ଶଟ ଖେଳିବା ମୁଡରେ ଥିବାରୁ ଫ୍ୟାନ୍ସ ମଧ୍ୟ ଚକିତ ହୋଇଛନ୍ତି ।

ଭାରତ ତାର ପ୍ରଥମ ଇନିଂସରେ ମାତ୍ର ୩୫ ଓଭର ବ୍ୟାଟିଂ କରି ୯ କେଟ ବଳରେ ୨୮୫ ରନ କରିବା ପରେ ପାଳି ଘୋଷଣା କରିଛି ବାଂଲାଦେଶ ପ୍ରଥମ ଇନିଂସରେ ୨୩୩ ରନ କରିଥିଲା ।

ଆଜି ପ୍ରଥମ ବଲରୁ ରୋହିତ ଶର୍ମା ଓ ଯଶସ୍ୱୀ ଜୈସାଲ ନିଜର ଆଟାକିଂ ରୂପ ଦେଖାଇଥିଲେ ଉଭୟ କେବଳ ଚୌକା-ଛକାରେ କଥାବାର୍ତ୍ତା କରିଥିଲେ ଉଭୟ କେବଳ ୧୮ଟି ବଲରେ ଦଳ ପାଇଁ ୫୦ ରନ ଯୋଡ଼ିଥିଲେ ।ପ୍ରଥମଥର ପାଇଁ ଟେଷ୍ଟ କ୍ରିକେଟରେ ୩ ଓଭର ମଧ୍ୟରେ କୌଣସି ଦଳ ୫୦ ରନ କରିବାର ରେକର୍ଡ ଭାରତ ନାଁରେ ଯୋଡ଼ି ହୋଇଯାଇଛି।

ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡ ନାଁରେ ଥିଲା ଇଂଲଣ୍ଡ ୨୬ ବଲରେ ୫୦ ରନ କରିଥିବା ବେଳେ ଭାରତୀୟ ଟିମ ୧୮ ବଲରେ ଏହି ରେକର୍ଡ କରିଛି ଭାରତର ଦ୍ରୁତତମ ୫୦ ରନ ଇଂଲଣ୍ଡ ବିପକ୍ଷ ୨୦୦୮ ଚେପକ ଟେଷ୍ଟରେ ରହିଥିଲା ଦଳ ୫.୩ ଓଭରରେ ଏପରି କୀର୍ତ୍ତିମାନ କରିଥିଲା।

ଦ୍ରୁତତମ ଦଳୀୟ ଅର୍ଦ୍ଧଶତକ

୩.୦ ଓଭର- ଭାରତ ବନାମ ବାଂଲାଦେଶ, କାନପୁର-୨୦୨୪

୪.୨ ଓଭର- ଇଂଲଣ୍ଡ ବନାମ ଷ୍ଟେଇଣ୍ଡିଜ, ନଟିଂହାମ- ୨୦୨୪

୪.୩ ଓଭର- ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା, ଦି ଓଭାଲ-୧୯୯୪

୪.୬ ଓଭର- ଇଂଲଣ୍ଡ ବନାମ ଶ୍ରୀଲଙ୍କା, ମାଞ୍ଚେଷ୍ଟର- ୨୦୦୨

୫.୨ ଓଭର- ଶ୍ରୀଲଙ୍କା ବନାମ ପାକିସ୍ତରନ, କରାଚି- ୨୦୦୪

ବାଂଲାଦେଶ ବିପକ୍ଷ ଟେଷ୍ଟରେ ଭାରତୀୟ ଟିମ ଦ୍ରୁତତମ ୧୦୦ ରନ ମଧ୍ୟ ଟେଷ୍ଟ କ୍ରିକେଟରେ ହାସଲ କରିଛି ଭାରତ। ମାତ୍ର ୬୧ ବଲ(୧୦.୧)ରେ ୧୦୦ ରନ ପୂରଣ କରି ନିଜ ନାଁରେ ଥିବା ବିଶ୍ୱ ରେକର୍ଡକୁ ଭାଙ୍ଗିଥିଲା। ପୂର୍ବରୁ ଦଳ ୨୦୨୩ରେ ଷ୍ଟେଇଣ୍ଡିଜ ବିପକ୍ଷ ଟେଷ୍ଟରେ ୧୨.୨ ଓଭରରେ ୧୦୦ ରନ କରିଥିଲା।

ଦ୍ରୁତତମ ଦଳୀୟ ଶତକ

୧୦.୧ ଓଭର- ଭାରତ ବନାମ ବାଂଲାଦେଶ, କାନପୁର-୨୦୨୪

୧୨.୨ ଓଭର- ଭାରତ ବନାମ ଷ୍ଟେ ଇଣ୍ଡିଜ, ପୋର୍ଟ ଅଫ ସ୍ପେନ, ୨୦୨୩

୧୩.୧ ଓଭର- ଶ୍ରୀଲଙ୍କା ବନାମ ବାଂଲାଦେଶ, କଲମ୍ବୋ- ୨୦୦୧

୧୩.୪ ଓଭର- ବାଂଲାଦେଶ ବନାମ ଷ୍ଟେ ଇଣ୍ଡିଜ, ମୀରପୁର- ୨୦୧୨

୧୩.୪ ଓଭର- ଇଂଲଣ୍ଡ ବନାମ ପାକିସ୍ତାନ, କରାଚି- ୨୦୨୨

୧୩.୪ ଓଭର ଇଂଲଣ୍ଡ ବନାମ ପାକିସ୍ତାନ, ରାଲପିଣ୍ଡି- ୨୦୨୨

୧୩.୬ ଓଭର- ଅଷ୍ଟ୍ରେଲିଆ। ବନାମ ଇଣ୍ଡିଆ।, ପର୍ଥ- ୨୦୧୨

ଭାରତୀୟ ଟିମ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଦ୍ରୁତତମ ୧୫୦ ରନ ହାସଲ କରିବାର ରେକର୍ଡ କରିଛି ଦଳ ୧୮.୨ ଓଭରରେ ଦଳୀୟ ସ୍କୋରକୁ ୧୫୦ ପାର କରାଇଥିଲା ପୂର୍ବରୁ ଏହି ରେକର୍ଡ ମଧ୍ୟ ଭାରତ ନାଁରେ ଥିଲା ଭାରତ ୨୧.୧ ଓଭରରେ ଷ୍ଟେଇଣ୍ଡିଜ ବିପକ୍ଷ ୨୦୨୩ ଟେଷ୍ଟରେ ୧୫୦ ରନ ପୂରଣ କରିଥିଲା।

ରୋହିତ ସେନା ଟେଷ୍ଟ ଇତିହାସରେ ଦ୍ରୁତତମ ଦୁଇ ଶତକ ମଧ୍ୟ ହାସଲ କରିଛି ଦଳ ୨୪.୪ ଓଭରରେ ଏହି ରେକର୍ଡ ହାସଲ କରି ଅଷ୍ଟ୍ରେଲିଆକୁ ପଛରେ ପକାଇଛି ଅଷ୍ଟ୍ରେଲିଆ। ୨୦୧୭ ସିଡ୍‌ନୀ ଟେଷ୍ଟରେ ପାକିସ୍ତାନ ବିପକ୍ଷରେ ୨୮.୧ ଓଭରରେ ୨୦୦ ରନ କରିଥିଲା।

ବାଂଲାଦେଶ ବିପକ୍ଷ ଟେଷ୍ଟର ୩୦ତମ ଓଭରରେ ଭାରତର ସ୍କୋର ୨୫୦ ଛୁଇଁଥିଲା ଏହା ମଧ୍ୟ ଟେଷ୍ଟ କ୍ରିକେଟରେ ଦ୍ରୁତତମ ୨୫୦ ରନ ଭାରତ ୩୦.୪ ଓଭରରେ ୨୫୦ ରନ କରି ଇଂଲଣ୍ଡ ନାଁରେ ଥିବା ରେକର୍ଡକୁ ଭାଙ୍ଗିଛି ଇଂଲଣ୍ଡ ୩୩.୬ ଓଭରରେ ଦଳୀୟ ସ୍କୋରକୁ ପାକିସ୍ତାନ ବିପକ୍ଷରେ ୨୫୦ ରନରେ ପହଞ୍ଚାଇଥିଲା।

## ବିଭିନ୍ନ ଖେଳକୁଦ ପ୍ରତିଯୋଗିତା

ଉମରକୋଟ ,୩୦।୯: ଉମରକୋଟ ଉପକଣ୍ଠ ୟୁ. ଭି ୫୨ ନଂ ଖେଳ ପଡିଆରେ ୩୦ ଟି ଏକ ଲ ବିଦ୍ୟାଳୟ ସମୂହର ଉମରକୋଟ ସଞ୍ଚ ତରଫରୁ ଖେକକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ଶତାଧିକ ଛାତ୍ର ଛାତ୍ରୀ ଓ ବହୁ ସଂଖ୍ୟାରେ ଗୁରୁଜୀ ଗୁରୁମା ଯୋଗଦେଇଥିଲେ ।ଦିବା ୧୦ ଘଟିକା ସମୟରେ କ୍ରୀଡା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ଉଦଘାଟନ ସଭାରେ ସମାଜସେବି ମୁକେଶ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ତଥା ରାଜନୀତିଜ୍ଞ ରାମ ନାୟକ, ହିନ୍ଦୁ ଜାଗରଣ ମଞ୍ଚ ର ସଂଯୋଜକ ସୁବାଷ ବିଶୋଇ, ବଜରଙ୍ଗ ଦଳ ସମ୍ପାଦକ ଶ୍ରୀ ଅଶୋକ ପାତ୍ର, ଶିକ୍ଷାବିତ ଶ୍ରୀମତୀ ପ୍ରଭାତୀ ଦେବନାଥ,ଶିକ୍ଷାବିତ ସତ୍ୟବ୍ରତ ପ୍ରଧାନ, ଇଇଜଝଗ ସମ୍ପାଦକ ବାବୁରାମ ସାହୁ ଓ ଏକଲ ବିଦ୍ୟାଳୟର ସମ୍ପାଦକ ତଥା ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ରାଜ୍ୟ ମିଡ଼ିଆ। ପ୍ରମୁଖ ଶ୍ରୀ ଅଞ୍ଜନ କୁମାର ଜେନା ଯୋଗଦେଇଥିଲେ। କ୍ରୀଡା ମୈଦାନ ରେ ଦୌଡ଼,ସଂଗୀତ ଚୌକି,ସଂଗୀତ, ଉଚ୍ଚ ଡିଆଁ, ଲମ୍ଵ ଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା.।

ଖେଳ ଦେଖିବା ପାଇଁ ସ୍ଥାନୀୟ ଅଂଚଳରୁ ବହୁ ସଂଖ୍ୟାରେ ଦର୍ଶକ ପଡିଆରେ ଏଖାଠି ହୋଇଥିଲେ.ଖେଳ ଶେଷରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା.ଶ୍ରୀମତୀ ପ୍ରଭାତୀ ଦେବନାଥ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ରାଜନୀତିଜ୍ଞ ଶ୍ରୀ ଆଶୁତୋଷ ମଣ୍ଡଳ ଯୋଗଦେଇ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ପାଠପଢା ସହ କ୍ରୀଡାର ଗୁରୁତ୍ୱ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ ।ଅବିଭକ୍ତ କୋରାପୁଟ ଜିଲ୍ଲାର ବିଶିଷ୍ଟ କ୍ରୀଡ଼ାବିତ ମାନଙ୍କର ଉଦାହରଣ ଦେଇ ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ କ୍ରୀଡା ପ୍ରତି ଉତ୍ସାହିତ କରିଥିଲେ. କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଅନ୍ୟ ପ୍ରତିଯୋଗୀ ମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୨ଜଣ ଛାତ୍ର ଛାତ୍ରୀ ଙ୍କୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେବା ପାଇଁ ଉର୍ତ୍ତିତ ହୋଇ ଛନ୍ତି ।

## ସରକାରଙ୍କ ସାହାଯ୍ୟ ଅପେକ୍ଷାରେ ବ୍ଲାକ ବେଲ୍ଟ ପାଇଥିବା ଯୁବ କ୍ରୀଡ଼ାବିତ

ଭଞ୍ଜନଗର,୩୦।୯ : ମନରେ ଯଦି ଆଶା ଥାଏ, ପାଇବାର ଇଛା ଶକ୍ତି ଥାଏ, ତାହେଲେ ଅସମ୍ଭବ ନାମକ ଶବ୍ଦ ର ଆବଶ୍ୟକ ପଡି ନ ଥାଏ ଏବଂ ଆଶା ପୂରଣ ହେଲା ପରେ ପୁଣି ଯଦି ବେକାର, ବେରୋଜଗର ର ଅନ୍ଧକାର ମାଡି ଆସେ ସେତେବେଳେ ନିରୀହ ଯୁବକ ଟି କଣ କରିବୟହଁ ଦର୍ଶକ ବନ୍ଧୁ ଆମେ କହୁଛୁ ଭଞ୍ଜନଗର ବ୍ଲକ ଜିଲୁଣ୍ଡି ଗ୍ରାମ ପଂଚାୟତ ଅଗଝୋଳ ଗ୍ରାମର ବେକାର ଯୁବକ ସନ୍ତୋଷ ପ୍ରଧାନୟବେକାରୀ ର ତାଡନାରେ ପଡି ତାମିଲନାଡୁ ଯାଇ ଥିଲେ, ତା ପରେ ସେ ସେଠାରେ କରାଟେ ଶିକ୍ଷା କୁ ଆପଣାଇ ,ନିଜର ଚେଷ୍ଟା ରେ ସେ ବ୍ଲଡ଼ ଏଣ୍ଡ ସ୍ୱେଟ ମର୍ତିଆଲ ଆର୍ଟସ ଏକାଡେମୀ ତାମିଲନାଡୁ , ରୁ ୨୦୨୦ ମସିହାରେ ବ୍ଲାକ ବେଲ୍ଟ ପାଇ ଥିଲେ। ସେଠାରୁ ତାଙ୍କର କ୍ରୀଡା ଜୀନ ଆରମ୍ଭ ହୋଇଥିଲାୟଜଣେ ଦିନ ମଜୁରିଆ। ରୁ ଜଣେ



ସଫଳ କରାଟେ ଖେଳାଳି ଭାବେ ନିଜକୁ ପ୍ରତିଷ୍ଠିତ କରି ପାରି ଛନ୍ତି ।ଅନେକ ଜାତୀୟ, ରାଜ୍ୟ ସ୍ତରୀୟ, ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କାର ପାଇଛନ୍ତି କିନ୍ତୁ ଏହି କରାଟେଶିକ୍ଷା ବର୍ତ୍ତମାନ ତାଙ୍କପାଇଁ ଅଲୋଡ଼ା,ବର୍ତ୍ତମାନ ସେ ଭଞ୍ଜନଗର ରେ ଘର ତିଆରି ମିସ୍ତ୍ରୀ ଭାବେ କାମ କରୁଛନ୍ତି। ସେଥରୁ ଯାହା ରୋଜଗାର କରୁଛନ୍ତି ତାହା ଚଳିବା କଷ୍ଟକର । ଯେଉଁ ସରକାର କ୍ରୀଡା ଓ କ୍ରୀଡ଼ାବିତ ଙ୍କ ବିକାଶ ପାଇଁ ଯୋଜନା କରୁଛନ୍ତି, ସେଥିରୁ ବାଦ ପଡୁଛନ୍ତି ସନ୍ତୋଷ ପରି ଯୁବ ଖେଳାଳି। ବର୍ତ୍ତମାନ ସ୍ଥିତିରେ ଦେଶରେ ଦେଖା ଯାଉଥିବା ବିଭିନ୍ନ ଅପରାଧ ,ନାରୀ ନିର୍ଯ୍ୟାତନା, ଯୌନ ଶୋଷଣ ଭଳି କାର୍ଯ୍ୟ କୁ କରାଟେ ଶିକ୍ଷା ନିଜ ଆତ୍ମରକ୍ଷା ରେ ସହଯୋଗ ହେବ,ତେଣୁ ସନ୍ତୋଷ ସରକାର ଙ୍କୁ ଅନୁରୋଧ କରିଛନ୍ତି ଯେ ତାଙ୍କୁ କୌଣସି ଶିକ୍ଷା ଅନୁଷ୍ଠାନ ରେ ଯଦି ନିଯୁକ୍ତି ମିଳିବ ତା ହେଲେ ଉପକୃତ ହେବେ। ତେଣୁ ଦେଖିବାକୁ ବାକି ରହିଲା କେବେ ସନ୍ତୋଷ ସରକାର ଙ୍କ ଠାରୁ ଆତ୍ମ ନିଯୁକ୍ତି ପାଇବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ